# ସତ୍ୟ ନ୍ୟୁଜ୍

ଓଡ଼ିଆ ଦୈନିକ

RNI No.-ODIODI/2024/17847

www.satyanews24.in

RNI No.ODIODI/2024/17847

୦୧ ବର୍ଷ Volume- 01

ISSUE - 56 ସଂଖ୍ୟା-୫୬

ଭୁବନେଶ୍ୱର,ଶୁକ୍ରବାର ୧୪, ମାର୍ଚ୍ଚ ୨୦୨୫

Bhubaneswar, Friday, 14, March 2025

୦୮ ପୃଷ୍ଠା Pages-08

ମୂଲ୍ୟ : ୭.୦୦ ଟଙ୍କା Price : Rs.7.00

E-Mail : satyanews24.bbsr@gmail.com



Like, Follow & Subscribe
Satya News24


### ଓଡ଼ିଶା ସରକାରଙ୍କ ବଡ଼ ନିଷ୍ପତ୍ତି

## +୨ ପରେ ବି.ଏଡ୍‌ରେ ନାମ ଲେଖାଇ ପାରିବେ ଛାତ୍ରଛାତ୍ରୀ

**ଭୁବନେଶ୍ୱର :** ଓଡ଼ିଶାର ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ବଡ଼ ଆଶ୍ୱସ୍ତିର ଖବର ଆସିଛି। ଏବେ +୨ ଶିକ୍ଷା ପରେ ବି ଏଡ୍ ପାଠ୍ୟକ୍ରମରେ ଛାତ୍ରଛାତ୍ରୀ ନାମ ଲେଖାଇ ପାରିବେ। ଏସମ୍ପର୍କରେ ଗୁରୁବାର ଓଡ଼ିଶାର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି। ରିପୋର୍ଟ ଅନୁସାରେ, ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ ଏବେ ଛାତ୍ରଛାତ୍ରୀମାନେ +୨ ସମାପ୍ତ କରିବା ପରେ ମଧ ବି ଏଡ୍ ପାଠ୍ୟକ୍ରମରେ ନାମ ଲେଖାଇ ପାରିବେ।

ଓଡ଼ିଶାରେ ଶିକ୍ଷକ ଶିକ୍ଷାରେ ସଂସ୍କାର ଆଣିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଉଚ୍ଚଶିକ୍ଷା ବିଭାଗ ଘୋଷଣା କରିଛି ଯେ, ଛାତ୍ରଛାତ୍ରୀମାନେ ଯୁକ୍ତ ଦୁଇ ସମାପ୍ତ କରିବା ପରେ ତୁରନ୍ତ ଶିକ୍ଷା ସ୍ନାତକ (ବି.ଏଡ୍) କାର୍ଯ୍ୟକ୍ରମରେ ନାମ ଲେଖାଇପାରିବେ।

ଏହି ନିଷ୍ପତ୍ତିର ଲକ୍ଷ୍ୟ ଶିକ୍ଷକ ତାଲିମ ପ୍ରକ୍ରିୟାକୁ ସୁଗମ କରିବା ଏବଂ ପାଠ୍ୟକ୍ରମ ଅବଧିକୁ ପାଞ୍ଚ ବର୍ଷରୁ ଚାରି ବର୍ଷକୁ ହ୍ରାସ କରିବା, ଯାହା ଦ୍ୱାରା ଆକାଂକ୍ଷୀ ଶିକ୍ଷକମାନଙ୍କୁ ଶିକ୍ଷାଦାନ ବୃତ୍ତିରେ ପ୍ରବେଶ କରିବା ପାଇଁ ଏକ ଦକ୍ଷ ପଥ ପ୍ରଦାନ କରାଯିବ। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ୮ଟି ଶିକ୍ଷକ ତାଲିମ ପ୍ରତିଷ୍ଠାନ ଏବଂ



ନିକଟବର୍ତ୍ତୀ କଲେଜ ମଧ୍ୟରେ ଏକ ଏମଓୟୁ ସ୍ୱାକ୍ଷରିତ ହୋଇଛି। ଅଧିକ ସ୍ପଷ୍ଟ ଭାବରେ କହିବାକୁ ଗଲେ, ୧୬ଟି ଶିକ୍ଷକ ତାଲିମ ପ୍ରତିଷ୍ଠାନ ମଧ୍ୟରୁ ୮ଟି ସହିତ ଏମଓୟୁ ସ୍ୱାକ୍ଷରିତ ହୋଇଛି। ଓଡ଼ିଶାରେ ଥିବା ୧୬ଟି ଶିକ୍ଷକ ତାଲିମ ପ୍ରତିଷ୍ଠାନ ମଧ୍ୟରୁ ଆଠଟିକୁ ନିକଟସ୍ଥ କଲେଜଗୁଡ଼ିକ ସହିତ ସହଯୋଗରେ ଆଇଟିଇପି କାର୍ଯ୍ୟକାରୀ କରିବା ପାଇଁ ବାଛିଛନ୍ତି। ଏହି ଢାଞ୍ଚା ଅନୁଯାୟୀ, ଛାତ୍ରଛାତ୍ରୀମାନଙ୍କୁ ଆଉ ବି.ଏଡ୍ କରିବା ପାଇଁ ସ୍ନାତକ ଡିଗ୍ରୀର ଆବଶ୍ୟକତା ପଡ଼ିବ ନାହିଁ, ବରଂ ସେମାନେ ଯୁକ୍ତ ଦୁଇ ସମାପ୍ତ କରିବା ପରେ ସିଧାସଳଖ ନାମ ଲେଖାଇପାରିବେ। ଏହି ଶିକ୍ଷାନୁଷ୍ଠାନଗୁଡ଼ିକରେ ଏକ ନୂତନ ୪ ବର୍ଷିଆ ନୂଆ ଆଇଟିଇପି (ସମଗ୍ର ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମ) ପାଠ୍ୟକ୍ରମ ପଢ଼ାଯିବ ବୋଲି ରିପୋର୍ଟ ହୋଇଛି। ଏହା ସହିତ, ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ, ୫ ବର୍ଷ ପରିବର୍ତ୍ତେ ୪ ବର୍ଷିଆ ପାଠ୍ୟକ୍ରମ ହେବ ବୋଲି ମନ୍ତ୍ରୀ କହିଛନ୍ତି।

## ଓପିଏସସି ଓଜେଏସ୍-୨୦୨୩ ପରୀକ୍ଷା ଫଳ ପ୍ରକାଶ

ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ପକ୍ଷରୁ ଗୁରୁବାର ଓଡ଼ିଶା ନ୍ୟାୟିକ ସେବା (ଓଜେଏସ)-୨୦୨୩ ପରୀକ୍ଷା ଫଳ ପ୍ରକାଶ ପାଇଛି। ସିଭିଲ୍ ଜଜ୍ ପଦବୀରେ ନିଯୁକ୍ତି ପାଇଁ ୨୪ ମହିଳା ପ୍ରାର୍ଥୀଙ୍କ ସମେତ ୩୩ ଜଣ ପ୍ରାର୍ଥୀଙ୍କ ନାମ ସୁପାରିଶ କରାଯାଇଛି।ସଫଳ ହୋଇଥିବା ପ୍ରାର୍ଥୀଙ୍କ ତାଲିକାରେ ସୋମେଶ ରଣବିଜୁଳି (ରୋଲ୍ ନମ୍ବର ୨୦୦୧୧୩) ଓଜେଏସ-୨୦୨୩ ପରୀକ୍ଷାରେ ଟପ୍ପର ହୋଇଥିବା ବେଳେ, ଅରୁଣିମା ପତି (୨୪୦୦୦୯୧) ଏବଂ ପାୟଲ୍ ଆଚ୍ଚା (୪୦୦୪୪୯) ଯଥାକ୍ରମେ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଓପିଏସସି ଦ୍ୱାରା ପ୍ରକାଶିତ ଏକ ବିଜ୍ଞପ୍ତିରେ କୁହାଯାଇଛି, ସମସ୍ତଙ୍କ ଅବଗତି ପାଇଁ ଜଣାଯାଉଛି ଯେ, କମିସନ ଏଠାରେ ୨୦୨୩-୨୪ର ବିଜ୍ଞାପନ ସଂଖ୍ୟା ୩୦ ଅନୁଯାୟୀ, ଓଡ଼ିଶା ନ୍ୟାୟିକ ସେବା-୨୦୨୩ରେ ସିଭିଲ୍ ଜଜ୍ ପଦବୀରେ ନିଯୁକ୍ତି ପାଇଁ ଯୋଗ୍ୟତା କ୍ରମରେ ୩୩ (୨୪-ମହିଳା) ପ୍ରାର୍ଥୀଙ୍କ ନାମ (ତାଲିକା ସଂଲଗ୍ନ) ସୁପାରିଶ କରାଯାଇଛି। ସମ୍ପର୍କିତ ପ୍ରାର୍ଥୀମାନଙ୍କୁ ବିବରଣୀ ପାଇଁ କମିସନର ୱେବସାଇଟ୍ (www.opsc.gov.in) ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଇଛି ବୋଲି ଏଥିରେ କୁହାଯାଇଛି।

## ଦେଶବାସୀଙ୍କୁ ହୋଲିର ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ :** ରଙ୍ଗର ପର୍ବ ହୋଲି ପାଳନ କରିବାକୁ ସାରା ଦେଶ ପ୍ରସ୍ତୁତ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର (୧୩ ମାର୍ଚ୍ଚ) ଦେଶବାସୀଙ୍କୁ ହୋଲିର ଶୁଭେଚ୍ଛା ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ସୋସିଆଲ ମିଡିଆରେ ପୋଷ୍ଟ କରି ଲେଖିଛନ୍ତି, 'ଆପଣମାନଙ୍କୁ ସମସ୍ତଙ୍କୁ ହୋଲିର ବହୁତ ବହୁତ ଶୁଭକାମନା। ଆନନ୍ଦ ଏବଂ ଖୁସିରେ ପରିପୂର୍ଣ୍ଣ ଏହି ପବିତ୍ର ପର୍ବ ସମସ୍ତଙ୍କ ଜୀବନରେ ନୂତନ ଉତ୍ସାହ



ଏବଂ ଶକ୍ତି ସଞ୍ଚାର କରୁ ଏବଂ ଦେଶବାସୀଙ୍କ ମଧ୍ୟରେ ଏକତାର ରଙ୍ଗକୁ ଆହୁରି ଗଭୀର କରୁ।'ଦିଲ୍ଲୀ, ୟୁପି ସମେତ ଦେଶର ଅନେକ ରାଜ୍ୟରେ ହୋଲି ଦିନ ଆଇନ ଶୃଙ୍ଖଳା ଏବଂ ଶାନ୍ତି ବଜାୟ ରଖିବା ପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ରହିଛି। ଦିଲ୍ଲୀରେ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ, ଅର୍ଦ୍ଧସାମରିକ ବାହିନୀ ସହିତ ୨୫,୦୦୦ରୁ ଅଧିକ ପୋଲିସ କର୍ମଚାରୀ ସହରରେ କଡ଼ା ନଜର ରଖିବେ। ପୋଲିସ ୩୦୦ରୁ ଅଧିକ ସମ୍ବେଦନଶୀଳ ସ୍ଥାନ ଚିହ୍ନଟ କରିଛି, ଯେଉଁଠାରେ ସେମାନେ ଡ୍ରୋନ ଏବଂ ସିସି କ୍ୟାମେରା ସାହାଯ୍ୟରେ ପ୍ରତ୍ୟେକ ପରିସ୍ଥିତି ଉପରେ ନଜର ରଖୁଛନ୍ତି।

## ବିରିୟାନି ରେଷ୍ଟୋରାଁରେ ଅଗ୍ନିକାଣ୍ଡ: ଜଳିଗଲେ ୬ ଜଣ

**ନୂଆଦିଲ୍ଲୀ :** ଦିଲ୍ଲୀର କନଟ୍ ପ୍ଲେସ୍ (ସିପି)ରେ ଥିବା ବିକ୍କଗନେ ବିରିୟାନି ରେଷ୍ଟୋରାଁରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡ ଏଲପିଜି ସିଲିଣ୍ଡର ଲିକ୍ ହେବା ଯୋଗୁଁ ଘଟିଥିବା ଅନୁମାନ କରାଯାଉଛି। ଭୟାବହ ଅଗ୍ନିକାଣ୍ଡରେ ପୋଡ଼ି ହୋଇ ଛଅଜଣ ଗୁରୁତର ଭାବରେ ଆହତ ହୋଇଛନ୍ତି। ବର୍ତ୍ତମାନ ସମସ୍ତ ଗୁରୁତରଙ୍କୁ ରାମ ମନୋହର ଲୋହିଆ (ଆରଏମଏଲ) ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ, ଗୁରୁବାର (ମାର୍ଚ୍ଚ ୧୩) ସକାଳ ପ୍ରାୟ ୧୧.୫୫ ସମୟରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ଦୁର୍ଘଟଣା ସମ୍ପର୍କରେ ସୂଚନା ମିଳିବା ମାତ୍ରେ ୬ଟି ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ଏବଂ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ତଦନ୍ତରୁ ଜଣାପଡିଛି ଯେ, ବିରିୟାନି ରେଷ୍ଟୋରାଁର ରୋଷେଇ ଘରେ ଥିବା ଏଲପିଜି ସିଲିଣ୍ଡର ଲିକେଜ୍ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡରେ ଗୁରୁତର ହୋଇଥିବା ଲୋକଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରେ ଅଛନ୍ତି ୩୯ ବର୍ଷୀୟ ଦୀପକ ଯାହାଙ୍କ ଶରୀରର ୭୦ ପ୍ରତିଶତ ପୋଡ଼ି ଯାଇଛି।ସେହିପରି ୩୧ ବର୍ଷୀୟ ପୀୟୁଷଙ୍କ ଶରୀରର ୭୦ ପ୍ରତିଶତ,୨୫ ବର୍ଷୀୟ ମହିନ୍ଦ୍ରାଙ୍କ



ଶରୀର ୮୧ ପ୍ରତିଶତ, ୨୧ ବର୍ଷୀୟ ଏମଡି ଆଲାର୍ମିଙ୍କ ଶରୀରର ୩୦ ପ୍ରତିଶତ, ୨୮ ବର୍ଷୀୟ ସାରୁଦ୍ଦିନଙ୍କ ଶରୀର ୨୦ ପ୍ରତିଶତ ଓ ୨୬ ବର୍ଷୀୟ ଜନକଙ୍କ ଶରୀର ୪ ପ୍ରତିଶତ ପୋଡ଼ିଯାଇଛି। ଆହତ ୬ ଜଣଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ରହିଛି। ଅବହେଳାର ହେତୁ ଅଗ୍ନିକାଣ୍ଡ ଘଟିଥିବାର ସମ୍ଭାବନା ଥିବାରୁ ଦିଲ୍ଲୀ ପୁଲିସ ଅଗ୍ନିକାଣ୍ଡ ଘଟଣାର ତଦନ୍ତ କରୁଛି। ତଦନ୍ତ ଦାୟିତ୍ୱ ଏସଆଇ ଜୟପାଳ ସିଂହଙ୍କୁ ଦିଆଯାଇଛି।

## ମହାକାଶରେ କୀର୍ତ୍ତିମାନ ସ୍ଥାପନ କଲା ଇସ୍ରୋ

**ନୂଆଦିଲ୍ଲୀ :** ଭାରତୀୟ ମହାକଶ ଗବେଷଣା ସଂସ୍ଥା (ଇସ୍ରୋ) ସ୍ପେସ୍ ଡକିଂ ଏକ୍ସପେରିମେଣ୍ଟ ମିଶନରେ ଦୁଇ ଉପଗ୍ରହର ସଫଳତାର ସହ ଅନ୍‌ଡକ୍ (ଅଲଗା) କରି ଐତାହାସିକ ଉପଲବ୍ଧି ହାସଲ କରିଛି। ଏହି ଉପଲବ୍ଧି ଭାରତର ମହାକାଶ ଗବେଷଣା ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲ୍‌ଖୁଣ୍ଟ ପ୍ରମାଣିତ ହୋଇଛି । ଅନ୍‌ଡକିଂ ପ୍ରକ୍ରିୟାକୁ ସଫଳ କରିବା ପାଇଁ ବିଶେଷ ଧ୍ୟାନ ଦିଆଯାଇଥିଲା । ଏଥିରେ SDX-01 ଓ SDX-02 ଉପଗ୍ରହକୁ ସଫଳତା ସହ



ଅଲଗା କରାଯାଇଛି । ଅନ୍‌ଡକିଂ ଅର୍ଥ ହେଉଛି ମହାକାଶରେ ଡକ୍ କରାଯିବା ପରେ ଦୁଇ ଉପଗ୍ରହ SDX-01 ଓ SDX-02କୁ ଅଲଗା କରିବା । ଯାହା ପରେ ଉଭୟ ସ୍ୱତନ୍ତ୍ର ଭାବେ କାମ କରିପାରିବେ । ଏହି ପ୍ରକ୍ରିୟାରେ ପ୍ରଥମେ SDX-02ର ବିସ୍ତାର କରାଯାଇଥିଲା, ପରେ କ୍ୟାପ୍ଚର ଲିଭର-୩କୁ ଯୋଜନାବଦ୍ଧ ଭାବେ ରିଲିଜ୍ କରାଯାଇଥିଲା ଏବଂ ଶେଷରେ SDX-02ରେ କ୍ୟାପ୍ଚର ଲିଭରର ବିଘଟନ କରାଗଲା । ଏହି ପ୍ରର୍ଯ୍ୟାୟ ପରେ ଦୁଇ ଉପଗ୍ରହରେ ଡିକ୍ୟାପ୍ଚର କମାଣ୍ଡ ଜାରି କରାଗଲା, ଯାହାପରେ ସେମାନେ ସ୍ୱତନ୍ତ୍ର ଭାବେ ଅଲଗା ହୋଇଥିଲେ । ଭାରତୀୟ ମହାକାଶ ବିଜ୍ଞାନ ଗବେଷଣାରେ ଏହା ଏକ ବଡ଼ ସଫଳତା ବୋଲି କୁହାଯାଉଛି । ଏହି ପ୍ରଯୁକ୍ତିବିଦ୍ୟା ଭବିଷ୍ୟତର ମହାକାଶ ମିଶନ ଯେପରିକି ମହାକାଶ ଷ୍ଟେସନ ନିର୍ମାଣ, ଉପଗ୍ରହ ମରାମତି ଏବଂ ଗଭୀର ମହାକାଶକୁ ମିଶନ ପଠାଇବା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ୨୦୨୪ ଡିସେମ୍ବର ୩୦ରେ ଶ୍ରୀହରିକୋଟାରୁ PSLV-C60 ରକେଟ୍ ସାହାଯ୍ୟରେ SDX-01 (ଚେର୍ଜ) ଏବଂ SDX-02 (ଟାର୍ଗେଟ୍) ନାମକ ଦୁଇଟି ଉପଗ୍ରହ ଉତକ୍ଷେପଣ ହୋଇଥିଲା । ୨୦୨୫ ଜାନୁଆରୀ ୧୬ରେ ISRO ସଫଳତାର ସହ ଏହି ଦୁଇଟି ଉପଗ୍ରହକୁ ପରସ୍ପର ସହିତ ସଂଯୋଗ କରିଥିଲା । କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ଇସ୍ରୋକୁ ଅଭିନନ୍ଦନ ଜଣାଇ, ଏହା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗର୍ବର ବିଷୟ ବୋଲି କହିଛନ୍ତି । ସେ ଭାରତର ମହାକାଶ କାର୍ଯ୍ୟକ୍ରମର ସଫଳତା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଢ଼ ସମର୍ଥନକୁ ଗୁରୁତ୍ୱପୂର୍ଣ୍ଣ ବୋଲି ମଧ ବର୍ଣ୍ଣନା କରିଛନ୍ତି ।

## କନ୍‌ଷ୍ଟେବଲ ସିପାହୀ ନିଯୁକ୍ତି ପ୍ରକ୍ରିୟାରେ ରୋକ୍ ଲଗାଇଲେ ହାଇକୋର୍ଟ

**କଟକ :** ଆଇଆରବି ବାଟାଲିୟନ୍ କନ୍‌ଷ୍ଟେବଲ ସିପାହୀ ନିଯୁକ୍ତି ପ୍ରକ୍ରିୟା ଉପରେ ଗୁରୁବାର ରୋକ୍ ଲଗାଇଛନ୍ତି ହାଇକୋର୍ଟ । ଆସନ୍ତା ୧୭ ତାରିଖରୁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବାର ଥିଲା, କିନ୍ତୁ ଅନ୍ୟାଦେଶ ଯାଏ ନିଯୁକ୍ତି ପ୍ରକ୍ରିୟାକୁ ବନ୍ଦ ରଖିବା ଲାଗି ଆଜି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ବୟସ ଅତିକ୍ରାନ୍ତ କରିଥିବା ପ୍ରାର୍ଥୀମାନଙ୍କ ଉଦ୍ଦେଶ୍ୟରେ ପୂର୍ବରୁ ଯେଉଁ ନିର୍ଦ୍ଦେଶ ଜାରି ହୋଇଥିଲା, ତାହା କାର୍ଯ୍ୟକାରୀ ନହେବା ଅଭିଯୋଗରେ ଏକ ଆଦେଶ ଦାୟର ହୋଇଥିଲା । ଆବେଦନର ଶୁଣାଣି କରି ଆଜି ଏଭଳି ନିର୍ଦ୍ଦେଶନାମା ଜାରି କରିଛନ୍ତି ହାଇକୋର୍ଟ । କୋଭିଡ୍ କାରଣରୁ ପ୍ରାୟ ୩ ବର୍ଷ ଯାଏଁ ଆଇଆରବି କନଷ୍ଟେବଲ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇନଥିଲା । ଏହି ସମୟ ଭିତରେ କିଛି ପ୍ରାର୍ଥୀଙ୍କର ବୟସ ଅତିକ୍ରାନ୍ତ ହୋଇଯାଇଥିଲା । କରୋନା ଯିବା ପରେ ପ୍ରାୟ ୧୮ ଶହ ଆଇଆରବି କନଷ୍ଟେବଲ ସିପାହୀ ପଦ ଲାଗି ବିଜ୍ଞପ୍ତି ପ୍ରକାଶ ପାଇଥିଲା । ତେବେ ସେଥିରେ ବୟସାଧିକ କାରଣରୁ ବାଦ ପଡ଼ିଥିବା କିଛି ପ୍ରାର୍ଥୀ ଇଣ୍ଟରଭ୍ୟୁ ଦେବା ଲାଗି ଅନୁମତି ଲୋଡି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । କୋର୍ଟ ସେମାନଙ୍କ ଆବେଦନକୁ ବିଚାର କରି, ଇଣ୍ଟରଭ୍ୟୁରେ ସାମିଲ ହେବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଏହାରି ଭିତରେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । କିନ୍ତୁ ଓଭର ଏଜ୍ ପ୍ରାର୍ଥୀମାନେ ମେଧା ତାଲିକାରୁ ବାଦ ପାଇଥିବାରୁ ସେମାନେ ପୁନର୍ବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଜାନୁଆରୀ ୨୦ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ।

## ଆସନ୍ତା ୩୦ରେ ଅନ୍ତୋଦୟ ଗୃହ ଯୋଜନାର ହେବ ଶୁଭାରମ୍ଭ

### ୫୦ହଜାର ଲୋକଙ୍କୁ ଯୋଜନା ସହ ଯୋଡ଼ିବେ ସରକାର

**ଭୁବନେଶ୍ୱର :** ଅନ୍ତୋଦୟ ଗୃହ ଯୋଜନାର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆସନ୍ତା ୩୦ ତାରିଖରେ କଳାହାଣ୍ଡି ଜିଲ୍ଲାରୁ ଆରମ୍ଭ ହେବ ଅନ୍ତୋଦୟ ଗୃହ ଯୋଜନା । ୫୦ ହଜାର ଲୋକଙ୍କୁ ଯୋଜନା ସହ ଯୋଡ଼ିବେ ସରକାର । ଏ ନେଇ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ସୂଚନା ଦେଇଛନ୍ତି । ଗରିବ ଲୋକଙ୍କୁ ଅନ୍ତୋଦୟ ଗୃହ ଯୋଜନାରେ ସାମିଲ କରାଯିବ । ଭିନ୍ନକ୍ଷମ, ବିଧବା, ଦୂରାରୋଗରେ ପୀଡିତ ଥିବା ବ୍ୟକ୍ତି ଏବଂ ସହିଦ ପରିବାର ବ୍ୟକ୍ତି, ପଦ୍ମଶ୍ରୀ ପରିବାର ବ୍ୟକ୍ତି, ବନ୍ୟା ବାତ୍ୟା ଓ ଅଗ୍ନିକାଣ୍ଡ ଘଟି ଘରପୋଡି ଥିବା ବ୍ୟକ୍ତି ଏହି ଯୋଜନାରେ ସାମିଲ ହେବେ । ଏଥିପାଇଁ ଅନଲାଇନ ଆବେଦନ ଖୋଲିବ । ଫୋନ୍ ନମ୍ବର ୦୬୭୪୬୮୧୭୭୭୭ ଏବଂ ୱେବ ପୋର୍ଟାଲ ମାଧ୍ୟମରେ ପଞ୍ଚାୟତ କାର୍ଯ୍ୟାଳୟରେ ବିଡ଼ିଓଙ୍କ ମାଧ୍ୟମରେ ପଞ୍ଜିକୃତ କରିପାରିବେ । ପଞ୍ଚାୟତ



ମାଧ୍ୟମରେ ବିଡ଼ିଓଙ୍କ ସହିତ ଯୋଗାଯୋଗ ପାଇଁ ମନ୍ତ୍ରୀଙ୍କ ଅନୁରୋଧ କରିଛନ୍ତି । ବଜେଟ୍‌ରେ ରାଜ୍ୟ ଗରିବଙ୍କ ପକ୍କା ବାସ ଗୃହ ଦେବା ପାଇଁ ବଡ଼ ଲକ୍ଷ୍ୟ ରଖିଛନ୍ତି । ମୋହନ ସରକାର ଉଲ୍ଲେଖଯୋଗ୍ୟ ଯେ, ବଜେଟ୍‌ରେ ଅନ୍ତୋଦୟ ଯୋଜନା ଲାଗି ୭୭୫୦ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି । ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରକୁ ପକ୍କା ଘର ଯୋଗାଇବାକୁ 'ଅନ୍ତୋଦୟ ଗୃହ ଯୋଜନା' ରାଜ୍ୟ ସରକାରଙ୍କ ଏକ ମହତ୍ୱାକାଂକ୍ଷୀ ଯୋଜନା ରହିଛି । ଏହା ଅଧିନରେ ଆସନ୍ତା ୩ ବର୍ଷରେ ଅତି କମ୍‌ରେ ୨ ଲକ୍ଷ ୨୫ ହଜାର ନୂତନ ପକ୍କା ଘର ମଞ୍ଜୁର କରାଯିବ । ୨୦୨୫-୨୬ରେ ୭୫ ହଜାର ଗୃହ ନିର୍ମାଣ ପାଇଁ ଲକ୍ଷ୍ୟ ରଖାଯାଇଛି । ଚଳିତ ବଜେଟ୍‌ରେ ଏଥିପାଇଁ ୨ ହଜାର ୬୦୩ କୋଟି ବ୍ୟୟ ବରାଦ ହୋଇଛି । ସେପଟେ ମାର୍ଚ୍ଚ ୩୧ରେ ଆବାସ ସର୍ଭେର ଡେଡ୍‌ଲାଇନ । ମାର୍ଚ୍ଚ ୩୧ ଯାଏଁ ଚାଲିବ ଆବାସ ସର୍ଭେ । ଏବେ ଯାଏଁ ସର୍ଭେରେ ସାଢେ ୧୯ ଲକ୍ଷ ଲୋକ ନାମ ପଞ୍ଜିକରଣ କଲେଣି । ଏ ନେଇ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ସୂଚନା ଦେଇଛନ୍ତି । ଏବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସର୍ଭେ ଚାଲିଛି । ମାର୍ଚ୍ଚ ୩୧ ଯାଏଁ ଚାଲିବ । ଆହୁରି ୧୭ରୁ ୧୮ଦିନ ଥିବାରୁ ଆହୁରି ଅଧିକ ଲୋକ ସାମିଲ ହେବେ ବୋଲି ଆଶା ।

## ରାଜା ଚକ୍ର ଗିରଫ, କ୍ରାଇମବ୍ରାଞ୍ଚ ଦେଲା କଳାଚିଠାର ତାଲିକା

**କଟକ :** କେନ୍ଦୁଝରର ବିଜେଡି ନେତା ସୌମ୍ୟଶଙ୍କର ଚକ୍ର ଓରଫ ରାଜା ଚକ୍ରଙ୍କୁ ଗୁରୁବାର କ୍ରାଇମବ୍ରାଂଚର ଅର୍ଥନୀତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ଗିରଫ କରିଛି । ରାଜାଙ୍କୁ ରିମାଣ୍ଡରେ ନେଇ ଜେରା କରିବା ସହ ତାଙ୍କର ଆୟର ସ୍ରୋତ, ଆର୍ଥିକ ଦେଣନେଣ ଓ ବିଭିନ୍ନ ସ୍ଥାନରେ ନିବେଶ ଆଦିର ଖୋଳତାଡ଼ କରିବ। ରାଜା ଚକ୍ରଙ୍କ ଗିରଫ ପରେ ବିଜେଡିର ଅଘୋଷିତ ସର୍ବେସର୍ବା ଭିକେ ପାଣ୍ଡିଆନ, ପ୍ରଣବପ୍ରକାଶ ଦାସ, ମାନସ ମଙ୍ଗରାଜ ଓ ବିଜେଡି ସରକାରରେ ତୃତୀୟ ମହଲାରେ ଅବସ୍ଥାପିତ ଥିବା ଜଣେ ଆଇପିଏସ ଅଫିସରଙ୍କ ଅଡୁଆ ବଢ଼ିବ ବୋଲି ଚର୍ଚ୍ଚା ହେଉଛି । ରାଜାଙ୍କ ଗିରଫଦାରୀ ଉପରେ ହାଇକୋର୍ଟ ବୁଧବାର ଅନ୍ତରୀଣ ସୁରକ୍ଷାକୁ ହଟାଇ ଦେଇଥିଲେ । ଆଜି ରାଜାଙ୍କ କଳା ସାମ୍ରାଜ୍ୟ ସମ୍ପର୍କରେ କ୍ରାଇମବ୍ରାଂଚ ଏକ ସାମ୍ବାଦିକ ସମ୍ମିଳନୀ କରି ଅନେକ ଚାଂଚଲ୍ୟକର ତଥ୍ୟ ମଧ ଦେଇଛି। କେନ୍ଦୁଝର ଜିଲ୍ଲାର ଗନ୍ଧମାର୍ଦ୍ଦନ ଖଣି ଅଂଚଳ ନିକଟରେ ବସବାସ କରୁଥିବା ଗାଁ ଲୋକମାନେ ଇଓଡବ୍ଲ୍ୟୁରେ ମାର୍ଚ୍ଚ ୭ତାରିଖରେ ଏକ ଅଭିଯୋଗ ଦେଇଥିଲେ । ଯେଉଁ ଆଧାରରେ ଆଇପିସିର ଧାରା ୪୦୬,୪୦୯, ୪୦୮, ୪୨୦,୪୬୭,୪୬୮, ୪୭୧ ଓ ୧୨୦-ଖ'ରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ରାଜାଙ୍କୁ ଗିରଫ କରାଯାଇଛି । ଗିରଫ ସମ୍ପର୍କରେ ସୂଚନା ଦେଇ କ୍ରାଇମବ୍ରାଂଚ ଡିଜି ବିନୟତୋଷ



ମିଶ୍ର କହିଛନ୍ତି ଯେ, ଶୁଆକାଟିସ୍ଥିତ ଗନ୍ଧମାର୍ଦ୍ଦନ ଲୋଡ଼ିଂ ଏଜେନ୍ସୀ ଓ ସୋସାଇଟି ପରିଚାଳନାରେ ବ୍ୟାପକ ଅନିୟମିତତା ହୋଇଛି । ଏହି ଟଙ୍କା ସ୍ଥାନୀୟ ଅଂଚଳର ଲୋକଙ୍କ କଲ୍ୟାଣ ପାଇଁ ଖର୍ଚ୍ଚ ହେବା କଥା । ପ୍ରାଥମିକ ତଦନ୍ତ ପରେ ଜଣାପଡ଼ିଛି ଯେ ୨୦୧୭-୧୮ରୁ ୨୦୨୪ ମାର୍ଚ୍ଚ ମାସ ମଧ୍ୟରେ ମୋଟ ୧୮୫କୋଟି ଟଙ୍କା ଏହି ଲୋଡ଼ିଂ ଏଜେନ୍ସୀ ଉପାର୍ଜନ କରିଛି । ଏହି ପରିମାଣ ମଧ ଅଧିକ ହୋଇପାରେ ।୨୦୧୨-୧୩ ମସିହାରୁ ଏହି ସୋସାଇଟିର ଅଡିଟ୍ ହୋଇନାହିଁ । କୌଣସି ଦସ୍ତାବିଜରେ ତାଳମେଳ ମଧ ନାହିଁ । ପାରିପାର୍ଶ୍ୱିକ ବିକାଶ ନାଁରେ ୩୪କୋଟି ଟଙ୍କା ନିଆଯାଇଛି,ମାତ୍ର ତାହା ସେବାବଦରେ ଖର୍ଚ୍ଚ ହୋଇନାହିଁ ଓ ଏହାକୁ ଆତ୍ମସାତ କରାଯାଇଛି । ସେହିପରି ୯.୧କୋଟି ଟଙ୍କା ମା' କାଳୀ ପେଟ୍ରୋଲ ପମ୍ପକୁ ପୈଠ କରାଯାଇଛି । ମାତ୍ର ସେହି ପେଟ୍ରୋଲ ପମ୍ପ କୌଣସି ତେଲ ଦେଇନାହିଁ । ସେ କେବଳ ରାଜା ଚକ୍ରଙ୍କ ଗାଡ଼ିଗୁଡ଼ିକୁ ତେଲ ଦେଇଛି,ଯାହାର ବିଲ୍ ଏହି ସୋସାଇଟି ଦ୍ୱାରା ପୈଠ ହୋଇଛି । ସୋସାଇଟିର ସଦସ୍ୟ ଥିବା ସ୍ଥାନୀୟ ଗ୍ରାମବାସୀଙ୍କୁ ପ୍ରାୟ ୩୩କୋଟି ଟଙ୍କା ବଂଟନ କରାଯାଇଛି । ସେମାନେ ଯେଭଳି ସର୍ବଦା ରାଜା ଚକ୍ରଙ୍କ ସପକ୍ଷରେ ବାହାରିବେ ତାହା ସୁନିଶ୍ଚିତ କରାଯାଇଛି । ସେହିପରି ଲୋଡ଼ିଂ ଚାର୍ଜ ଓ ମଜୁରୀ ବାବଦରେ ପ୍ରାୟ ୭୪କୋଟି ଟଙ୍କା ପୈଠ ହୋଇଛି । ମାତ୍ର ଦସ୍ତାବିଜରୁ ଜଣାପଡୁଛି ସେଥିରେ ବ୍ୟାପକ ଅନିୟମିତତା ହୋଇଛି । ତେଣୁ ୨୦୧୨-୧୩ ପରଠୁ ଏଠାରେ ଅଡିଟ୍ ହୋଇନଥିବାରୁ ଏହି ଅଡିଟ୍ କରିବାକୁ ନିଷ୍ପତ୍ତି ନିଆଯାଇଛି । ରାଜା ଚକ୍ର ଏହି ସୋସାଇଟିର ସଦସ୍ୟ ନଥିଲେ । କିନ୍ତୁ ସେ ନିଜର ଖାସ୍ ସହଯୋଗୀ ସଦାଶିବ ସାମଲ, ସୁଧାଂଶୁ ଶେଖର ନାଏକ ଓ ସମୀର ଜେନାଙ୍କ ମାଧ୍ୟମରେ ଏହି ସୋସାଇଟିକୁ ନିୟନ୍ତ୍ରଣ କରୁଥିଲେ । ସୋସାଇଟି ତାଙ୍କର ନିର୍ଦ୍ଦେଶରେ ହିଁ ପରିଚାଳିତ ହେଉଥିଲା । ରାଜା ଚକ୍ରଙ୍କର ଶଙ୍କର ମିନେରାଲ, ଶଙ୍କର ଟ୍ରାନ୍ସପୋର୍ଟ, ଶଙ୍କର ରୋଡୱେଜ ଓ ଶଙ୍କର ପ୍ରୋଜେକ୍ଟ ଭଳି ବହୁ ବ୍ୟବସାୟିକ ସଂସ୍ଥା ରହିଛି । ତାଙ୍କର ୪୨ଟି ଗାଡ଼ି ଓ ୨ଟି ସ୍କ୍ରିନିଂ ପ୍ଲାଂଟକୁ ସିଜ୍ କରାଯାଇଛି । ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟକୁ ସିଜ୍ କରାଯିବା ସହ ବ୍ୟାଙ୍କରେ ଥିବା ୨୫ଲକ୍ଷ ଟଙ୍କାକୁ ମଧ ଫ୍ରିଜ୍ କରାଯାଇଛି । ଏହି ସମ୍ପୂର୍ଣ୍ଣ ର୍ୟାକେଟରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି ତାହା ଜାଣିବା ପାଇଁ ଅଧିକ ଜେରା କରାଯାଉଛି ବୋଲି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି ।

## ଆକାଂକ୍ଷା ଜିଲା ମଧ୍ୟରେ ଓଡ଼ିଶାରେ ରାୟଗଡ଼ା ପ୍ରଥମ

**ରାୟଗଡ଼ା :** ନିତି ଆୟୋଗ ରିପୋର୍ଟରେ ରାୟଗଡ଼ା ଜିଲାର କୃତିତ୍ୱ। ସାମଗ୍ରିକ ପ୍ରଦର୍ଶନରେ ଭାରତରେ ତୃତୀୟ ସ୍ଥାନରେ ଥିବାବେଳେ ଓଡ଼ିଶାରେ ପ୍ରଥମ ସ୍ଥାନରେ ରହିଛି ରାୟଗଡ଼ା। ଏଥିପାଇଁ ଜିଲାକୁ ୫ କୋଟି ଟଙ୍କା ପ୍ରଦାନ କରିଛନ୍ତି ନିତି ଆୟୋଗ। ମିଳିଥିବା ସୂଚନା ମୁତାବକ, ଗତ ସେପ୍ଟେମ୍ବର ମାସରେ ଶେଷ ହେଉଥିବା ନିତି ଆୟୋଗର ତ୍ରୟୋମାସିକ ରିପୋର୍ଟ ଅନୁଯାୟୀ, ସାମଗ୍ରିକ ପ୍ରଦର୍ଶନରେ ଓଡିଶାର ୧୦ଟି ଆକାଂକ୍ଷା ଜିଲା ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି ରାୟଗଡ଼ା ଜିଲା। ସମଗ୍ର ଭାରତର ୧୧୨ ଆକାଂକ୍ଷା ଜିଲା ମଧ୍ୟରେ ତୃତୀୟ ସ୍ଥାନରେ ରହିଛି ରାୟଗଡ଼ା ଏବଂ ଓଡିଶାର ୧୦ଟି ଆକାଂକ୍ଷା ଜିଲା ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି। ରାୟାଗଡ଼ା ଜିଲାପାଳ ପାରୁଲ ପଟ୍ଟାୱରୀଙ୍କ ନେତୃତ୍ୱରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ତ୍ରୟୋମାସିକ ରିପୋର୍ଟ ଭିତ୍ତିରେ ଭାରତର ୧୧୨ ଆକାଂକ୍ଷା ଜିଲାମାନଙ୍କର ସ୍ୱାସ୍ଥ୍ୟ ଓ ପୁଷ୍ଟିକର, ଶିକ୍ଷା, କୃଷି ଓ ଜଳ ସମ୍ପଦ, ମୂଳ ଭିତ୍ତିଭୂମି, ଆର୍ଥିକ ଅଭିବୃଦ୍ଧି ଏବଂ ଦକ୍ଷତା ବିକାଶ ଆଦି ୫ଟି କ୍ଷେତ୍ର ମଧ୍ୟରେ ସାମଗ୍ରିକ କାର୍ଯ୍ୟଦକ୍ଷତା ଏବଂ କ୍ଷେତ୍ର ଅନୁଯାୟୀ ଜ୍ଞାନର ସଫଳତାକୁ ମୂଲ୍ୟାଙ୍କନ କରାଯାଇଛି। ଜିଲାର ଉଲ୍ଲେଖନୀୟ ପ୍ରଦର୍ଶନକୁ ସମ୍ମାନ ଜଣାଇ ରାୟଗଡ଼ା ଜିଲାକୁ ୫ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ନିତି ଆୟୋଗ। ସମସ୍ତ ବର୍ଗରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଏହି ପୁରସ୍କାର ରାଶି ନିତି ଆୟୋଗ ପ୍ରଦାନ କରିଛନ୍ତି ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ରାୟଗଡ଼ା ଜିଲାକୁ ମିଳିଥିବା ୫ କୋଟିର ଆର୍ଥିକ ଅନୁଦାନ ଜିଲାର ବିକାଶକୁ ଆହୁରି ବଢାଇବ। ଜିଲାରେ ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି ଏବଂ ଆର୍ଥିକ ବିକାଶ କ୍ଷେତ୍ରରେ ପ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହାଦ୍ୱାରା ଜିଲାର ଜନସାଧାରଣଙ୍କ ଜୀବନଶୈଳୀରେ ଉନ୍ନତି ଘଟିବ। ଏହି ସଫଳତା ଜିଲା ପ୍ରଶାସନର ପ୍ରତିବଦ୍ଧତା, କଠିନ ପରିଶ୍ରମ ଏବଂ ସମସ୍ତ କ୍ଷେତ୍ରଗୁଡ଼ିକରେ ନିରନ୍ତର ବିକାଶ ହାସଲ କରିବାକୁ ରାୟଗଡ଼ାବାସୀଙ୍କ ସାମୂହିକ ପ୍ରୟାସକୁ ପ୍ରମାଣିତ କରୁଛି।

# ଉପାନ୍ତ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

**ଲାଞ୍ଜିଗଡ଼,(ନି.ପ୍ର) :** ସରକାରଙ୍କ ନିର୍ଦ୍ଦେଶ କ୍ରମେ ପ୍ରତ୍ୟେକ ସ୍କୁଲ ମାନଙ୍କରେ ଶିକ୍ଷକ ଶିକ୍ଷୟିତ୍ରୀ ନିୟୋଜିତ କରି ତାଙ୍କ ପାଇଁ ମାସିକ ପାରିଶ୍ରମିକ ଭାବେ ହଜାର ହଜାର ଟଙ୍କା ଦରମାର ବ୍ୟବସ୍ଥା ରହିଛି । ହେଲେ ଏତେସବୁ ସରକାରଙ୍କ ବ୍ୟବସ୍ଥା ଭିତରେ ଥାଇ ମଧ୍ୟ ଗ୍ରାମାଞ୍ଚଳ ମାନଙ୍କନରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି ।ଏହି ଭଳି ବିପରୀତ ଚିତ୍ର ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ପଞ୍ଚାୟତ ସ୍ଥିତ ବାତେର ପଡ଼ା ପ୍ରାଥମିକ ବିଦ୍ୟାଳୟରେ । ଏହି ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ରୁ ପଞ୍ଚମ ଶ୍ରେଣୀ ରହିଥିବା ବେଳେ ଦୁଇ ଜଣ ଶିକ୍ଷକ ନିଯୁକ୍ତ ଅଛନ୍ତି ହେଲେ ଦୁଇ ଶିକ୍ଷକ ନିଯୁକ୍ତ ଥାଇ ମଧ୍ୟ ନିୟମିତ ସ୍କୁଲରେ ଅନୁପସ୍ଥିତ ରହୁଥିବା ଅଭିଯୋଗ ହେଉଛି । ଯଦିବି ଦୁଇଜଣ ଶିକ୍ଷକ ସ୍କୁଲରେ ଉପସ୍ଥିତ ରୁହାନ୍ତି



ତାହାହେଲେ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଦେଇସାରି ସ୍କୁଲ ଛୁଟି କରି ନିଜ ଗାଁକୁ ଫେରାର ମାରନ୍ତି ବୋଲି ସୂଚନା ମିଳିଛି । ତେବେ ଦୁଇ ଦୁଇ ଜଣ ଶିକ୍ଷକ ନିଯୁକ୍ତ ଥାଇ ପିଲାଙ୍କ ଭବିଷ୍ୟତକୁ ଅନ୍ଧାରରେ ଠେଲୁ ଥିବା ବେଳେ ଶିକ୍ଷା ବିଭାଗ ପାଖରେ ଏବେ ଯାଏଁ କୌଣସି ଖବର ନାହିଁ ନା ଜାଣି ଶୁଣି ଦୁଇ ଶିକ୍ଷକଙ୍କୁ ଘଣ୍ଟଘୋଡାଛି ଶିକ୍ଷା ବିଭାଗ ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି । ଏସମ୍ପର୍କରେ ବିଜେପୁର ସିଆରସିସି ଶିବରାମ ପ୍ରଧାନ ଙ୍କୁ ପଚାରିବାରୁ ସେ ଦୁଇ ଶିକ୍ଷକଙ୍କୁ ମୁଁ ବାରମ୍ବାର ତାଗିତ କରିଛି କିନ୍ତୁ ମୋ କଥାକୁ ମଧ୍ୟ ମାନୁ ନାହାନ୍ତି ମୁଁ ମଧ୍ୟ ଜାଣିଛି ସେମାନେ ପ୍ରତ୍ୟୋକ ଦିନ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଦେଇସାରି ସ୍କୁଲ ଛୁଟିକରୁଛନ୍ତି ବୋଲି ପ୍ରକାଶ କରିଛନ୍ତି । ଏନେଇ ବାତେର ପଡ଼ା ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ନାୟକ ଙ୍କୁ ପଚାରିବାରୁ ନୂତନ ସ୍କୁଲ ନିର୍ମାଣ ବିଳମ୍ବ ହେଉଛି ଆମେ ପୁରୁଣା ସ୍କୁଲରେ ପାଠ ପଢ଼ାଉଛୁ କିନ୍ତୁ ଶହ ଶିକ୍ଷକ ଶ୍ରୀରାମ ଶାହା ସ୍କୁଲକୁ ଠିକ ଭାବରେ ଆସନ୍ତି ସେଥିପାଇଁ ମତେ ଅସୁବିଧା ହେଉଛି ଓ ମଧ୍ୟହ୍ନ ଭୋଜନ ଦେଇ ଶାରୀ ଛୁଟି କରୁଛୁ ବୋଲି କହିଥିଲେ । ଏନେଇ ଲାଞ୍ଜିଗଡ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ସୁଡ଼ଲଦେବ ମୁଣ୍ଡଙ୍କୁ ପଚାରିବାରୁ ଆଜି କୌଣସି ଛୁଟି ନାହିଁ କେମିତି ସ୍କୁଲ ବନ୍ଦ କରୁଛନ୍ତି ମୋ ପାଖରେ କୌଣସି ଖବର ନାହିଁ ମୁଁ ତଦାରଖ କଲାପରେ କାର୍ଯ୍ୟାନୁଷ୍ଠାନ ନେବି ବୋଲି ମତପ୍ରକଶ କରିଛନ୍ତି । ତେବେ ଜାଣି ଶୁଣି ଶିକ୍ଷାବିଭାଗ ଦେଖଶୁଣ ଚୁପରୁହ ନୀତି ଅବଲମ୍ବନ କରୁଛି ନା ଦୁଇ ଶିକ୍ଷକେଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହା ଦେଖିବାକୁ ବାକି ରହିଲା ।

# କଇଠ ପଲ୍ଲୀ ସୋସାଇଟରେ ଚାଷୀଙ୍କୁ ହେଉଛି ସୋସଣ

**ନୂଆଗାଁ,(ନି.ପ୍ର) :** ଚାଷୀ ଙ୍କ ଆର୍ଥିକ ଅବସ୍ଥା ସୁଧାରିବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ରହରହ ଉଦ୍ୟମ ଜାରି ରଖିଥିବା ବେଳେ ବେବସ୍ତାକୁ ବାଟବଣା କରୁଛନ୍ତି ତଳ ସ୍ତରର କର୍ମଚାରୀ । ତଦାରଖ କରିବା ପାଇଁ ଥିବା ଅଫିସର ରାଧେ ରାଧେ ରେ ମୁହଁ ବନ୍ଦ ରଖୁଥିବା ବେଳେ ଚାଷୀ ନାହଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ପରୀ ଅଭିଯୋଗ ଆସିଛି ନୂଆଗାଁ ବ୍ଲକ ଅନ୍ତର୍ଗତ ସିଙ୍ଗାରପଲ୍ଲୀ ପଂଚାୟତର କ ଇଠପଲ୍ଲୀ ସୋସାଇଟ ରେ କିଛି ନିର୍ଦ୍ଦିଷ୍ଟ ଚାଷୀ ଙ୍କ ନା ନେଇ ବେପାରିଙ୍କ ଧାନ ଉଠୁଥିବା ବେଳେ ପକ୍କୁତ ଚାଷୀ ଙ୍କ ଧାନ ଦିର୍ଘଦିନ ହେବ ମଣ୍ଡି ରେ ପଡ଼ିଛି ଧାନ ସୋସାଇଟ ସେକ୍ରେଟାରୀ ଙ୍କ ମନମୁଖୀ ଯୋଗୁଁ ଚାଷୀ ନାହଁ ନଥିବା ଅସୁବିଧାର



ହେଉଥିବା ଅଭିଯୋଗ ଆସିଥିଲେ ମଧ ସୋସାଇଟ ସେକ୍ରେଟାରୀ ମୁହଁ ଖୋଲି ନଥିଲେ । ମଣ୍ଡି ଚାଲିଥିବା ସମୟରେ ଆମ ପ୍ରତିନିଧି ପହଂଚି ଥିଲେ ମଧ କାହାରି ସରକାରୀ ଅଫିସର କିମ୍ବା ନୋଡାଲ ଅଫିସର ଙ୍କୁ ଦେଖିବାକୁ ମିଳି ନଥିଲା । ନୂତନ ସରକାର ଚାଷୀଙ୍କ ପାଇଁ ବୋନସ ବଢାଇ (୩୧୦୦) ଟଙ୍କା କରିଥିଲେ ମଧ ଏହାର ଫାଇଦା ଏକପ୍ରକାର ବେପାରିଙ୍କ ପାକେଟକୁ ଯାଉଥିବା ଅଭିଯୋଗ ହେଉଛି । ଚାଷୀ ମଧ କାନ୍ଦୀ ବୋବେଇ ନାହିଁ ନଥିବା ହଇରାଣ ହୋଇ ମଣ୍ଡି ଆଗରେ ପଡି ରହୁଛନ୍ତି । ନୂତନ ସରକାର ଉପରେ ଅସୋନ୍ତୋଷ ପ୍ରକାଶ କରିଛନ୍ତି ଏଣୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେବାପାଇଁ ଦାବି ହୋଇଛି ।

# ଡିଜେ ଗାଡ଼ି ଭାରସାମ୍ୟ ହରାଇ ଦୁର୍ଘଟଣା ଗସ୍ତ, ୫ ଗୁରୁତର,୧୫ ଆହତ



**ନୂଆପଡ଼ା,(ନି.ପ୍ର) :** ଜିଲ୍ଲା ବୋଡ଼େନ ବ୍ଲକ୍ ସୁନାପୁର ବିଜୁ ଏକ୍ସପ୍ରେସ ୱେ ରେ ଡିଜେ ଗାଡ଼ି ଭାରସାମ୍ୟ ହରାଇ ଦୁର୍ଘଟଣା ଗସ୍ତ ହୋଇଅଛି । ଏହି ଗାଡ଼ି ରେ ମୋଟ ୨୦ ଜଣ ବାଦ୍ୟ କଳାକାର ମାନେ ଏକ ବିବାହ କାର୍ଯ୍ୟକ୍ରମ ରେ ଯୋଗ ଦେବା ପାଇଁ ତରବୋଡ ଗ୍ରାମ କୁ ଯାଉଥିବା ବେଳେ ଗାଡ଼ି ଟି ସୁନାପୁର ଠାରେ ଦୁର୍ଘଟଣା ଗସ୍ତ ହୋଇଅଛି । ୫ ଗୁରୁତର ଆହତ ହୋଇଥିବା ବେଳେ , ୧୫ ଜଣ ସାମାନ୍ୟ ଆହତ ହୋଇଛନ୍ତି । ପାଞ୍ଚ ଜଣ ଗୁରୁତର ଆହତ ଙ୍କୁ ନୂଆପଡ଼ା ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଚିକିତ୍ସିତ ପାଇଁ ଭର୍ତ୍ତି ହୋଇଛନ୍ତି । ସେହିପରି ୧୫ ଜଣ ଙ୍କୁ ବୋଡ଼େନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଚିକିତ୍ସିତ ହୋଇଥିବା ବେଳେ ଗାଡ଼ି କୁ ଉଦ୍ଧାର କରାଯାଉଅଛି । ଡୋଟୋ ଗ୍ରାମର ଡିଜେ ଗାଡ଼ି ତରର୍ବୋଡ କୁ ବିବାହ କାର୍ଯ୍ୟକ୍ରମ ପାଇଁ ଯାଉଥିଲା ।

# ଅମ୍ବାଦଲା ସରକାରି ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ମିଳୁନି ପିଇବା ପାଣି

**ମୁନିଗୁଡା,(ନି.ପ୍ର) :** ଅବ୍ୟବସ୍ଥା ଘେରରେ ଅମ୍ବାଦଳା ସରକାରି ଏରିଆ ହସ୍ପିଟାଲ । ସ୍ୱାସ୍ଥ୍ୟ କେନ୍ଦ୍ରରେ ପିଇବା ପାଇଁ ପାଣି ନାହିଁ । ଏନେଇ ସମସ୍ତେ ଅବଗତ ଥିଲେ ମଧ କିଛି ପଦକ୍ଷେପ ନିଆଯାଉନାହିଁ, ଯାହାକୁ ନେଇ



ରୋଗୀଙ୍କ ଠାରୁ ଆରମ୍ଭ କରି ମେଡିକାଲ କର୍ମଚାରୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି । ଜଳ ଯୋଗାଣ ବିଭାଗ ଦ୍ୱାରା ଉକ୍ତ ମେଡିକାଲକୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିଲେ ସୁଦ୍ଧା ଆଯକୁ ୯ ଦିନ ହେଲା ପାନୀୟ ଜଳ ଠପ । ମେଡିକାଲକୁ ଆସିଥିବା ରୋଗୀ ଓ ତାଙ୍କ ସମ୍ପର୍କୀୟ ମାନେ ନଳକୂପରୁ ପାଣି ବୋହି ଆଣୁଥିବା ଦେଖିବାକୁ ମିଳିଛି । ପାନୀୟ ଜଳ ଯୋଗାଣ ଠପ୍ ଯୋଗୁଁ ରୋଗୀ ମାନଙ୍କୁ ଶୌଚାଳୟ ଯିବା କଷ୍ଟ । ଏନେଇ ସମସ୍ତେ ଅବଗତ ଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଉନାହିଁ । ଯାହାକୁ ନେଇ ଅଞ୍ଚଳ ବାସୀଙ୍କ ମଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।ପ୍ରାୟ ୯ ଗୋଟି ପଞ୍ଚାୟତ ତଥା ଆଖପାଖ କଳାହାଣ୍ଡି, କନ୍ଧମାଳ ରୁ ହଜାର ହଜାର ରୋଗୀ ଏହି ଡାକ୍ତରଖାନା ଉପରେ ନିର୍ଭର କରି ଆସୁଥିବା ବେଳେ ୯ ଦିନ ହେଲା ପାନୀୟ ଜଳ ଯୋଗାଣ ବନ୍ଦ ହୋଇ ପଡ଼ିଛି । ସେବା ପାଇବାକୁ ଆସୁଥିବା ରୋଗୀ ଓ ସେବା ଯୋଗାଇ ଦେଇ ଆସୁଥିବା ମେଡିକାଲ କର୍ମଚାରୀ ଉଭୟ ପାନୀୟ ଜଳ ସମସ୍ୟା ଯୋଗୁଁ ହନ୍ତସନ୍ତ ହେଉଥିବା ବେଳେ ୫୦ ହଜାର ଜନ ସଂଖ୍ୟା ବିଶିଷ୍ଟ ଏରିଆ ହସ୍ପିଟାଲ ରେ ପିଇବା ପାଇଁ ପାଣି ବ୍ୟବସ୍ଥା ଆଉ କେତେ ସମୟ ଲାଗିବ ତାହା ସବୁଠୁ ବଡ଼ ପ୍ରଶ୍ନ ପାଲଟିଛି । ଘଟଣା ବିଷୟରେ ମୁନିଗୁଡ଼ା ବିଡ଼ିଓ କୃଷ୍ଣ ଚନ୍ଦ୍ର ଦଳପତିଙ୍କୁ ଯୋଗାଯୋଗ କରିଥିଲୁ ହେଲେ ବାବୁ ଫୋନ ଉଠାଇ ନଥିଲେ ।

# ତ୍ରିଲୋଚନ ପୁର ଚତୁର୍ଥ ବାଟାଲିୟନ ସିଆରପିଏଫ ପକ୍ଷରୁ କମ୍ପ୍ୟୁଟର ଶିକ୍ଷା କାର୍ଯ୍ୟକ୍ରମ

**ଲାଞ୍ଜିଗଡ,(ନି.ପ୍ର) :** ଗୃହ ମନ୍ତ୍ରଣାଳୟ ଏବଂ ଓଡିଶା ସେକ୍ଟର ଚତୁର୍ଥ ବାହିନୀ ସେଣ୍ଟ୍ରାଲ୍ ସିଆରପିଏଫ ଚତୁର୍ଥ ବାହିନୀ ଅଧିକାରୀ ତଥା କମାଣ୍ଡେଣ୍ଟ ଫିରଜ କୁଜୁର ଙ୍କ ତତ୍ତ୍ୱାବଧାନରେ ଆଜି ତ୍ରିଲୋଚନ ପୁର ସିଆରପିଏଫ କ୍ୟାମ୍ପରେ କମ୍ପୁଟର ଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି କ୍ଷ ଏହି କାର୍ଯ୍ୟକ୍ରମ ମାର୍ଚ୍ଚ ୭ତାରିଖରୁ ୧୭ତାରିଖ ପର୍ଯ୍ୟନ୍ତ ସିଭିକ ଏକ୍ସନ ପ୍ରୋଗ୍ରାମ ମାଧ୍ୟମରେ ଛାତ୍ର ଛାତ୍ରୀଙ୍କୁ କମ୍ପୁଟର ଟ୍ରେନିଙ୍ଗ ଦିଆଯିବାର କାର୍ଯ୍ୟକ୍ରମ ରହିଛି । ଉକ୍ତ କାର୍ଯ୍ୟକ୍ରମ ଡି କମ୍ପାନୀ ଓ ଚତୁର୍ଥ ବାଟାଲିୟନ ମିଳିତ ଉଦ୍ୟମରେ କମ୍ପୁଟର ଶିକ୍ଷା ହେଉଥିବା ବେଳେ ସିଆର ପିଏଫ ପୋଲିସ୍ ଓ ଜନସାଧାରଣଙ୍କ ଦୂରତାକୁ ଦୁରେଇବା ଏବଂ ସୁସମ୍ପର୍କ ବଜାଇ ରଖିବା ଉଦ୍ଦେଶ୍ୟରେ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଉଛି । କିଭଳି ନିର୍ଭୟରେ ଜନସାଧାରଣ ଓ ଯବାନଙ୍କ ସହିତ ସୁସମ୍ପର୍କ




ସ୍ଥାପନ କରିବା ଓ ନିଜର ସୁଖ ଦୁଃଖ ବାଣ୍ଟିବେ ଏବଂ ସମନ୍ୱୟ ରକ୍ଷାକରିବେ ସେହି ଉଦେଶ୍ୟରେ ଏହି କାର୍ଯ୍ୟକ୍ରମ କରିଆସୁଛନ୍ତି ରାଜ୍ୟ ଓ କେନ୍ଦ୍ର ଗୃହମନ୍ତ୍ରଣାଳୟ । ଏହି ପରି ପ୍ରେକ୍ଷୀରେ ତ୍ରିଲୋଚନପୁର ସ୍ଥିତ ଚତୁର୍ଥ ବାଟାଲିୟନ ସିଆରପିଏଫ କ୍ୟାମ୍ପଠାରେ ତ୍ରିଲୋଚନପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୨୫ ଜଣ ଛାତ୍ର ଛାତ୍ରୀଙ୍କୁ ଦଶ ଦିନ ପାଇଁ କମ୍ପୁଟର ଶିକ୍ଷା ଦିଆଯିବର ବ୍ୟବସ୍ଥା ହୋଇଥିବା ସୂଚନା ମିଳିଛି କ୍ଷ କମ୍ପୁଟର ଶିକ୍ଷା ପାଇ ଛାତ୍ର ଛାତ୍ରୀ ମାନେ ବେଶ ଉଛାହିତ ଥିବା ଦେଖିବାକୁ ମିଳିଛି କ୍ଷ ରେଞ୍ଜ ଡେପୁଟି ଇନ୍ସପେକ୍ଟର ଜେନେରାଲ୍ ପ୍ରଭାକର ଉପାଧ୍ୟାୟ,ଚତୁର୍ଥ ବାଟାଲିୟନ କମାଣ୍ଡେଣ୍ଟ ସମସେର ସିଂ, ସେକେଣ୍ଡ କମାଣ୍ଡେଣ୍ଟ ଡେପୁଟି କମାଣ୍ଡାଣ୍ଟ ଦେବରାଜ ଦେହୁରୀ, ଇନ୍ସପେକ୍ଟର ବିକାଶ କୁମାର କମ୍ପୁଟର ଟ୍ରେନର ବିବେକାନନ୍ଦ ସାହୁ ସମେତ ଚତୁର୍ଥ ବାଟାଲିୟନର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# ପ୍ରତାପରୁଦ୍ରପୁର ସେବା ସମବାୟ ସମିତିରେ ଅନ୍ତର୍ଜାତୀୟ ସମବାୟ ବର୍ଷ ୨୦୨୫ ପାଳିତ

**ବାଲିଅନ୍ତା,(ନି.ପ୍ର) :** ବାଲିଅନ୍ତା ବ୍ଲକ ଅଧୀନ ପ୍ରତାପରୁଦ୍ରପୁର ସେବା ସମବାୟ ସମିତି ପରିସରରେ ଆଜି ଆନ୍ତର୍ଜାତୀୟ ସମବାୟ ବର୍ଷ ୨୦୨୫ ପାଳିତ ହୋଇଯାଇଛି । ''ସଶକ୍ତ ସମବାୟ ସୁଦୃଢ଼ ସମାଜ ସମୃଦ୍ଧ ଜୀବନ'' ଶୀର୍ଷକ ଏହି କାର୍ଯ୍ୟକ୍ରମରେ ସମବାୟ



ସଂସ୍ଥାର ନିଜସ୍ୱ ପାଣ୍ଠି ଅର୍ଥ ବୃଦ୍ଧି ଓ ସୁଦୃଢ଼ୀକରଣ ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ସମିତିକୁ ପେଟ୍ରୋଲ ଟାଙ୍କି ଠାରୁ ଆରମ୍ଭ କରି ,ଗ୍ୟାସ ଏଜେନ୍ସି , ଜନ ଔଷଧୀ କେନ୍ଦ୍ର ଏବଂ ଅନ୍ୟାନ୍ୟ ସଂସ୍ଥା କରିବା ଲାଗି ସରକାରୀ ସହାୟତା ଓ ଋଣ ଯୋଗାଣ ମାଧରେ ସମିତି ନିଜସ୍ୱ ପାଣ୍ଠି ଅର୍ଥ ବୃଦ୍ଧି କରାଯାଇପାରିବ ବୋଲି କୁହାଯାଇଥିଲା । ଚାଷୀମାନଙ୍କ ଆର୍ଥିକ ଅଭିବୃଦ୍ଧି ନେଇ ଗାଈ ଋଣ, ମତ୍ସ ଓ ଏଟିଏମ ଋଣ ବ୍ୟବସ୍ଥା ଉପରେ ଚାଷୀଙ୍କୁ ସୂଚନା ପ୍ରଦାନ କରାଯାଇଥିଲା । ଏହି ଅବସରରେ ଆୟୋଜିତ ସଭାରେ ସମିତି ସଭାପତି ସୁଧିର ଚରଣ ପ୍ରଧାନ ସଭାପତିତ୍ୱ କରିଥିଲେ । ବରିଷ୍ଠ ଏଆରସିଏସ ପ୍ରିୟବ୍ରତ ପଣ୍ଡା, ବାଲିଅନ୍ତା କ୍ଷେତ୍ର ଅଧିକାରୀ ଅମୀୟ କୁମାର ଖୁଣ୍ଟିଆ, ଭୁବନେଶ୍ୱର ଉପ ନିବନ୍ଧକ ପ୍ରକାଶ ସେଠୀ ପ୍ରମୁଖ ସମ୍ମାନିତି ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସମିତି ସମ୍ପାଦକ ବିଶ୍ୱନାଥ ପଣ୍ଡା ଧନ୍ୟବାଦ ପ୍ରଦାନ କରିବା ସହ ସମଗ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ନନ୍ଦପୁର ପୋଲିସ ଓ ଆଇ ଆର ବି ଜବାନଙ୍କ ମିଳିତ ଫୁଟ ମାର୍ଚ୍ଚ

**ନନ୍ଦପୁର, (ନି.ପ୍ର) :** ନନ୍ଦପୁର ପୋଲିସ ପକ୍ଷରୁ ଆଜି ନନ୍ଦପୁର ର ବିଭିନ୍ନ ସାହି ଗଳି ରେ ଫୁଟମାର୍ଚ୍ଚ କରାଯାଇଛି । ଦଳ ଯାତ୍ରା କୁ ଦୃଷ୍ଟି ରେ ରଖି ଶାନ୍ତି ଶୃଙ୍ଖଳା



ନିମନ୍ତେ ଏହି ଫୁଟମାର୍ଚ୍ଚ କରାଯାଇଛି । ଏହି ଫୁଟ ମାର୍ଚ୍ଚ ରେ ନନ୍ଦପୁର ଥାନା ଅଧିକାରୀ ମମତା କୁମାରୀ ପଣ୍ଡା, ଏସ ଆଇ ଦୀପ୍ତି ମାଝୀ ଧାରୁଆ , ରମାନନ୍ଦ ଭକ୍ତ ଓ ପୁଲିସ କର୍ମଚାରୀ ଙ୍କ ସମେତ ଆଇ ଆର ବି ଯବାନ ମଧ ସାମିଲ ହୋଇଥିଲେ । ଦଳ ଯାତ୍ରା କିପରି ସୁରୁ ଖୁଡ ରେ ପାଳିତ ହ୍ୱ ସେଥି ପ୍ରତି ନନ୍ଦପୁର ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋସ୍ତ. କରାଯାଇଛି ।

# ମା' ଲକ୍ଷ୍ମୀ ପି ଜି ଗ୍ରୁପ ଆନୁକୂଲ୍ୟରେ ମହିଳା ଦିବସ ପାଳନ

**କୋଇଡା(ନି.ପ୍ର) :** ସୁନ୍ଦରଗଡ଼ ଜିଲ୍ଲାର କୋଇଡାରେ ମା' ଲକ୍ଷ୍ମୀ ପି ଜି ଗ୍ରୁପ ଆନୁକୂଲ୍ୟରେ ଗୁରୁବାର ଦିନ ନିଉ ଗାର୍ଡେନ କଲୋନୀରେ ମହିଳା ଦିବସ ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏସ ଡବ୍ଲ୍ୟୁ ଏସ ଆର ର ଶାବଲ ଝା, ସମ୍ମାନିତ ଅତିଥି ସମାଜସେବୀ ଅଶୋକ ସାମଲ,ନାରୀ




ସଂଗଠିକା ରୀନାରାଣୀ ରାଉତ, ପବିତ୍ରା ପରିଡା, କୁମୁଦିନୀ ସାହୁ,କିରଣ ଦେବୀ, ବବିତା ବିହାରୀ, କମଳିନୀ ଦାସ, ମିନତୀ ଦାସ,ମାମା ପରିଡ଼ା, ସୁକାନ୍ତି ପରିଡ଼ା ସମେତ ବହୁ ନାରୀ ଯୋଗ ଦେଇଥିଲେ । ପ୍ରାରମ୍ଭରେ ସମସ୍ତେ ମହାତ୍ମାଗାନ୍ଧୀ ଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶୁଭାରମ୍ଭ କରିଥିଲେ । ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ମାନେ ସାଂପ୍ରତିକ ସମୟରେ ମହିଳାମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ସେମାନେ କହିଥିଲେ ଆମେ ସମାଜରେ ମହିଳାମାନଙ୍କ ସ୍ୱତନ୍ତ୍ର ସ୍ଥାନ ରହିଛି ଯେଉଁଥି ପାଇଁ ମହିଳାମାନେ ଯୁଗେ ଯୁଗେ ବନ୍ଦନୀୟ । କେବଳ ସେତିକି ନୁହେଁ , ମହିଳାମାନେ ପରିବାରର ଦାୟିତ୍ୱ ନିର୍ବାହ କରିବା ସହ ଏକ ଶୃଙ୍ଖଳିତ ସମାଜ ଗଠନରେ ମହିଳାମାନଙ୍କ ପ୍ରମୁଖ ଭୂମିକା ରହିଛି । ଏହି ଦିବସ ଉପଲକ୍ଷେ ମହିଳାଙ୍କ ସାମାଜିକ, ଆର୍ଥିକ, ସାଂସ୍କୃତିକ, ରାଜନୈତିକ, ଏବଂ ସମାଜର ବିଭିନ୍ନ କ୍ଷେତ୍ରରେ ସେମାନଙ୍କ ସଫଳତା ଉପରେ ଆଲୋକପାତ କରିଥିଲେ । ମହିଳାମାନେ ଚୁଲି ମୁଣ୍ଡରୁ ଯାଇ ରାଷ୍ଟ୍ରପତି ପଦ ଅଳଂକୃତ କରୁଛନ୍ତି । ଏହା ସହିତ ମହିଳାମାନେ ନିଜର ଅଧିକାର,ସୁଯୋଗର ସମାନତା, ଆଇନଗତ ସଚେତନତା, ଶିକ୍ଷା, ଦକ୍ଷତା ଉପରେ ଅଧିକ ସଚେତନତା ଓ ପ୍ରଶିକ୍ଷଣ ହେବା ଆବଶ୍ୟକ । ମହିଳାମାନେ ଆଜିର ଯୁଗରେ ସବୁ କ୍ଷେତ୍ରରେ କିଭଳି ଆଗକୁ ବଢିବେ, ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ ହୋଇପାରିବେ ତାହା ଉପରେ ମତାମତ ରଖିଥିଲେ । ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା କିଛି ମହିଳା ଏବଂ ସାମ୍ବାଦିକ ସୁରେଶ ଦାସଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଦୁଇ ପୁଅଙ୍କୁ ହତ୍ୟା ଘଟଣାରେ ବାପା ଓ ଜେଜେ ମାଆ ଅଦାଲତ ଚାଲାଣ

**ଭାପୁର(ନି.ପ୍ର) :** ନୟାଗଡ ଜିଲ୍ଲା ଫତେଗଡ ଥାନା ଧାନଚାଙ୍ଗଡ଼ା ଗ୍ରାମରେ ଦୁଇ ନାବାଳକ ଙ୍କୁ ହତ୍ୟା କାଣ୍ଡର ପର୍ଦ୍ଦା ଫାସ କରିଛି ଫତେଗଡ ଥାନା ପୁଲିସ । ଦୁଇ ନାବାଳକ ପିଲାଙ୍କୁ ସେମାନଙ୍କର ବାପା ଗାମୁଛାରେ ତଣ୍ଟି ଚିପି ନିଜେ ହତ୍ୟା କରିବା ପରେ ଆତ୍ମହତ୍ୟା କରିବାର ଏକ ସୁ-ପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପ୍ରମାଣିତ କରିବାକୁ ଚେଷ୍ଟା କରିଥିଲା । କିନ୍ତୁ ନିଜେ ବାପା ଗାମୁଛାରେ ତଣ୍ଟି ଚିପି ହତ୍ୟା କରିବା ପରେ ଜେଜେ ମାଆ ସହଯୋଗରେ ୧୮ ଫୁଟ ଉଚ୍ଚ ସିଡି ଘର ଆଜବେଷ୍ଟସ ତଳେ ଥିବା ଲୁହା ପାଇପ ରେ ଦୁଇ ନାବାଳକ ପୁଅ ଆକାଶ ଓ ବିକାଶ କୁ ଝୁଲାଇ ଦେଇଥିବା ନେଇ ପୁଲିସ ସମ୍ମୁଖରେ ସ୍ୱୀକାର କରିଛି । ଏନେଇ, ପୁଲିସ କେସ ନଂ ୬୧/୨୫ ରେ ପ୍ରକାଶ ମହାନ୍ତି (୪୦) ଓ ପ୍ରକାଶ ର ମାଆ ସୌରି ମାହାନ୍ତି (୬୮) ଙ୍କୁ ଗୁରୁବାର ଦିନ ଗିରଫ କରି ଅଦାଲତ ଚାଲାଣ କରିଛି । ପୁଲିସ ସୂତ୍ରରୁ ପ୍ରକାଶ, ଭାପୁର ବ୍ଲକ ଧାନଚାଙ୍ଗଡ଼ା ଗ୍ରାମର ପ୍ରକାଶ ମହାନ୍ତି ଆଜକୁ ୧୬ ବର୍ଷ ତଳେ ଖଣ୍ଡପଡ଼ା ଥାନା ଅନ୍ତର୍ଗତ ବେଣାଗାଡିଆ ପଞ୍ଚାୟତ କୁଞ୍ଜବେଲି ଗ୍ରାମର ଖାଲେଶ୍ୱର ନାୟକ ଙ୍କ ଝିଅ କୁମ ନାୟକ ଙ୍କୁ





ବୈଦିକ ରୀତିରେ ବିବାହ କରିଥିଲେ । ମାତ୍ର, ଉଭୟ ଙ୍କ ମଧରେ କଳହ ପାଇଁ ଆଜକୁ ଅଢେଇ ବର୍ଷ ତଳେ କୁମ ନାୟକ ଆତ୍ମହତ୍ୟା କରିଥିଲେ । ଉଭୟଙ୍କ ଔରସ ରୁ ଦୁଇଟି ପୁତ୍ର ଆକାଶ ମହାନ୍ତି (୧୪) ଓ ବିକାଶ ମହାନ୍ତି (୯) ରହିଥିବା ବେଳେ କୁମ ଙ୍କ ମୃତ୍ୟୁ ପରେ ସେମାନଙ୍କୁ ପ୍ରକାଶ ନିଜ ପରିବାର ସହ ଭୁବନେଶ୍ୱର ରେ ରହୁଥିଲେ । ଆଜକୁ ୧୮ ମାସ ତଳେ ପ୍ରକାଶ ପରିବାର ସହ ଗ୍ରାମରେ ରହୁଥିଲା ।

ପ୍ରକାଶ ଦ୍ୱିତୀୟ ବିବାହ କରିବାକୁ ଚାହୁଁଥିବା ବେଳେ ଦୁଇ ନାବାଳକ ଏହାକୁ ବିରୋଧ କରି ଆସୁଥିଲେ । ପ୍ରକାଶ ଓ ତାର ବାପା ମାଆ ଦ୍ୱିତୀୟ ବିବାହ ପାଇଁ ଯୋଜନା ଯୋଜନା କରିଥିବା ବେଳେ ଗତ ରବିବାର ଦିନ କନ୍ୟା ଘର ପରିବାର ପକ୍ଷରୁ ବିବାହ ତାରିଖ ସ୍ଥିର କରିବାକୁ ଧାନଚାଙ୍ଗଡ଼ା ଗ୍ରାମ ସ୍ଥିତ ପ୍ରକାଶଙ୍କ ଘରକୁ ଆସିଥିଲେ । କିନ୍ତୁ, ପ୍ରକାଶ ଚାଲାଖ କରି ସେହି ସମୟରେ ଦୁଇ ନାବାଳକ ପୁଅଙ୍କୁ ଗ୍ରାମ ନିକଟସ୍ଥ ଖେଳ ପଡିଆ କୁ ଖେଳିବା ପାଇଁ ପଠାଇ ଦେଇଥିଲା । ଦୁଇ ନାବାଳକ ବାପା ଙ୍କ ଦ୍ୱିତୀୟ ବିବାହ ପ୍ରସ୍ତାବ ଶୁଣି ବିରୋଧ କରିବାରୁ ରବିବାର ବିଳମ୍ବିତ ରାତିରେ ପ୍ରକାଶ ଉତ୍ କ୍ଷିପ୍ତ ହୋଇ ନିଜ ମାଆ ସହଯୋଗ ରେ ଦୁଇ ପୁଅଙ୍କୁ ମାରିବା ପାଇଁ ଯୋଜନା କରିଥିଲା । ତେଣୁ, ରବିବାର ବିଳମ୍ବିତ ରାତିରେ ବଡ ପୁଅ ଆକାଶକୁ ମାରିବା ପରେ ସାନ ପୁଅ ବିକାଶ କୁ ମଧ ଗାମୁଛାରେ ଚିପି ମାରି ଦେଇଥିଲା । ଉକ୍ତ ଘଟଣାକୁ ଆତ୍ମହତ୍ୟା ର ରୂପ ଦେବା ପାଇଁ ଚେଷ୍ଟା କରିଥିଲେ ମଧ ଶେଷରେ ପୁଲିସ ସମ୍ମୁଖରେ ସମସ୍ତ ସତ୍ୟ ଘଟଣା ଉଭୟ ପ୍ରକାଶ ଓ ତା'ର ମାଆ ସୌରୀ ପ୍ରକାଶ କରିଥିଲେ । ନୟାଗଡ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏସ ସୁଶ୍ରୀ, ଖଣ୍ଡପଡ଼ା ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ମଦନ ମୋହନ ପ୍ରଧାନ, ଫତେଗଡ ଥାନା ଅଧିକାରୀ ପଞ୍ଚାନନ ପରିଡ଼ା, ଉପ ନୀରିକ୍ଷକ ଅଶୋକ କୁମାର ଜେନା, ସହ ଉପ ନୀରିକ୍ଷକ ଅକ୍ଷୟ କୁମାର ଗୁମାନସିଂ, ଥାନା କର୍ମଚାରୀଙ୍କ ସହଯୋଗରେ ହତ୍ୟାକାଣ୍ଡର ପର୍ଦ୍ଦା ଫାସ ହୋଇ ପାରିଛି । ଅଭିଯୁକ୍ତ ଉଭୟ ମାଆ ଓ ପୁଅ ଙ୍କୁ ଗୁରୁବାର ଦିନ ଭାପୁର ଅଦାଲତକୁ ଚାଲାଣ କରାଯାଇଥିବା ବେଳେ ସେଠାରେ ସେମାନଙ୍କର ଯାମିନି ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ଉକ୍ତ ଘଟଣାରେ ପ୍ରକାଶ ର ଦାଦା ଓ ଖୁଡୀ ଙ୍କୁ ଥାନା ରେ ଅଟକ ରଖି ପଚରାଉଚରା ଶେଷ ପରେ ବୁଧବାର ରାତିରେ ଛାଡି ଦେଇଥିବା ଥାନା ଅଧିକାରୀ ଶ୍ରୀ ପରିଡ଼ା ଙ୍କ ଠାରୁ ପ୍ରକାଶ । ଏଭଳି ଏକ ହୃଦୟ ବିଦାରକ ହତ୍ୟାକାଣ୍ଡ ଘଟାଇ ଥିବା ନୃଶଂସ ବାପାକୁ କଠୋର ରୁ କଠୋର ଦଣ୍ଡ ବିଧାନ କରିବାକୁ ଭାପୁର ବ୍ଲକ ଅଞ୍ଚଳର ସମାଜସେବୀ, ବୁଦ୍ଧିଜୀବୀ ତଥା ଅଞ୍ଚଳବାସୀ ଦାବି କରିଥିବା ବେଳେ ଉକ୍ତ ଘଟଣାକୁ ସବୁ ମହଲରୁ ଦୃଢ଼ ଭାବରେ ନିନ୍ଦା କରାଯାଇଛି ।

# ଦେଶର ସର୍ବ ବୃହତ ଉଷ୍ଣପ୍ରସବଣର ଉନ୍ନତି ପାଇଁ ୨ କୋଟି ଟଙ୍କା ମଞ୍ଜୁର

**ଭାପୁର(ନି.ପ୍ର) :** ନୟାଗଡ ଜିଲ୍ଲା ଭାପୁର ବ୍ଲକ ଗୋଲାପୋଖରୀ ପଞ୍ଚାୟତ ଅଧୀନସ୍ଥ ଦେଶର ସର୍ବ ବୃହତ ଉଷ୍ଣପ୍ରସବଣର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ୨କୋଟି ଟଙ୍କା ମଞ୍ଜୁର ହୋଇଛି । ରାଜ୍ୟ ପର୍ଯ୍ୟଟନ ବିଭାଗ ଯୁଗ୍ମ ସଚିବ ସରୋଜ କୁମାର ସ୍ୱାଇଁ ଉକ୍ତ ଉଷ୍ଣପ୍ରସବଣର ଉନ୍ନତି କରଣ ପାଇଁ ୨ କୋଟି ଟଙ୍କା ମଞ୍ଜୁର ହୋଇଥିବା ନେଇ ଜିଲ୍ଲାପାଳଙ୍କୁ ପତ୍ର ମାଧମରେ ଅବଗତ କରିଛନ୍ତି । ଖଣ୍ଡପଡ଼ା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ ଙ୍କ ପ୍ରଚେଷ୍ଟା ଯୋଗୁଁ ଏହା ସମ୍ଭବପର ହୋଇ ପାରିଥିବା ବେଳେ ଭାପୁର ବ୍ଲକ ଅଞ୍ଚଳର ଜନ ସାଧାରଣ ବିଧାୟକ ଙ୍କୁ ସାଧୁବାଦ ଜଣାଇଛନ୍ତି । ସୁଚନା ମୁତାବକ, ଗତ ଫେବୃଆରୀ ମାସ ୬ତାରିଖ ଦିନ ଉକ୍ତ ଉଷ୍ଣପ୍ରସବଣର ବିକାଶ ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ର ଅଧିକାରୀ ଶୁଭେନ୍ଦୁ



ମିଶ୍ର, ଜିଲ୍ଲା ପର୍ଯ୍ୟଟନ ବିଭାଗ ଅଧିକାରୀ ମୀରା ବେହେରା, ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଭାପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାରଦା ପ୍ରସନ୍ନ ପଣ୍ଡା ପ୍ରମୁଖ ପରିଦର୍ଶନ କରି ଫେରିଥିଲେ । ଯାହାଫଳରେ ପ୍ରାୟ ଏକ ମାସ ପରେ ଉକ୍ତ ଉଷ୍ଣପ୍ରସବଣର ବିକାଶ ପାଇଁ ୨ କୋଟି ଟଙ୍କା ମଞ୍ଜୁର ହୋଇଛି । ଏନେଇ, ନୟାଗଡ ଜିଲ୍ଲା ଭାପୁର ବ୍ଲକ ଗୋଲାପୋଖରୀ ପଞ୍ଚାୟତ ଅଧିନସ୍ଥ ଉଷ୍ଣପ୍ରସବଣଟି ରାଜ୍ୟ ପର୍ଯ୍ୟଟନ ସ୍ଥଳୀ ମାନଚିତ୍ରରେ ସ୍ଥାନ ପାଇ ପାରିଛି । ରାଜ୍ୟ ସରକାରଙ୍କ ଅବହେଳା ପାଇଁ ଦେଶର ସର୍ବ ବୃହତ ଉଷ୍ଣ ପ୍ରସବଣ ଟି ବହୁ ଅବହେଳିତ ଅବସ୍ଥାରେ ପଡି ରହିଛି । ତେଣୁ, ଉକ୍ତ ଉଷ୍ଣ ପ୍ରସବଣ ର ବିକାଶ ହେଲେ ଭାପୁର ବ୍ଲକ ତଥା ସ୍ଥାନୀୟ ଅଞ୍ଚଳର ବିକାଶ ହେବ ।

# ଗଢ଼ିଉଠିଛି ମଦଭାଟି : ହଜି ଯାଉଛି ଭାଗବତ ଟୁଙ୍ଗୀ

**କଳାହାଣ୍ଡି,(ନି.ପ୍ର) :** ଜଗନ୍ନାଥ ଦାଶଙ୍କ ଭାଗବତ ଓଡ଼ିଶାର ପ୍ରତ୍ୟେକ ଘରେ ଘରେ ପରିଚିତ ରହିଥିଲା । ସଂଧ୍ୟାରେ ପ୍ରାୟ ଓଡ଼ିଆଣୀର ଘରେ ଭାଗବତ ଗୁଞ୍ଜରଣ ହେଉଥିଲା । ଘର କୋଣରୁ ସଂଧ୍ୟାରେ ଗୁଞ୍ଜରିତ ହେଉଥିଲା 'କହଇ ଜଗନ୍ନାଥ ଦାଶ, ଭାଷା ପ୍ରବଧ ଭାଗବତ । ଏହା ବ୍ୟତୀତ ଗ୍ରାମାଞ୍ଚଳର କର୍ମଠ କୃଷକ ହେଉ ବା ଧାର୍ମିକ ପରାୟଣ ବ୍ୟକ୍ତି ବିଶେଷ ସଂଧ୍ୟା ସମୟରେ ସେହି ସମୟରେ ଗାଁ ମାନଙ୍କରେ ରହିଥ ?ିବା ଭାଗବତ କୋଠିରେ ଜମା ହେଉଥିଲା । ମନୋରଞ୍ଜନ ହେଉ ବା ଆଧାତ୍ମିକ ହେଉ ସଂଧ୍ୟାରେ ଭାଗବତ ପାଠ ହେଉଥିଲା । ଏହା ଉପରେ ଆଲୋଚନା ମଧ୍ୟ ହେଇଥିଲା । ଏହା ଦ୍ୱାରା ଗାଁରେ ଏକ ସକରାତ୍ମକ ଆଧାତ୍ମିକ ଭାବନା ଲୋକଙ୍କ ମଧ୍ୟରେ ଜାଗ୍ରତ ହେଉଥିଲା । ଯେଉଁଥି ପାଇଁ ଲୋକଙ୍କ ମଧ୍ୟରେ ଅସାମାଜିକ କାର୍ଯ୍ୟ କରିବାକୁ ଲୋକେ ପସନ୍ଦ କରୁନଥିଲେ । ଲୋକଙ୍କ ମଧ୍ୟରେ ଭାଗବତ ପଠନ ଯୋଗୁଁ ଏକତା, ଭାତୃଭାବ ସୃଷ୍ଟି ହେଉଥିଲା । ଏଠାରେ ଗାଁର ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚନା ହୋଇ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୁଡ଼ିକ ପାରିତ ହେଉଥିଲା। ସେତେବେଳେ ଗାଁ ମାନଙ୍କରେ କାଁ ଭାଁ ମଦୁଆ ଦେଖା ଯାଉଥିଲା । ଭାଗବତ ପାଠ ସମୟରେ ମଦୁଆମାନେ ମଦ ପିଇଥିଲେ ମଧ୍ୟ ଭାଗବତ ଟୁଙ୍ଗୀ ପାଖ ମାଡୁ ନଥିଲେ । ସମୟ ବଦଳି ଯାଇଛି। ଏବେ ଗାଁ ମାନଙ୍କରେ ଥିବା ଭାଗବତ ଟୁଙ୍ଗୀର ଦେଖା ନାହିଁ। ଟୁଙ୍ଗୀ ଗୁଡିକ ଧିରେ ଧିରେ ବ୍ଲକ, ପାଠାଗାର ସ୍ଥାନ ନେଇ ଯାଇଛି । ଏଠାରେ ଭୋଟ ଦେବା, ଗାଁରେ ମଦଭାଟି ହେବ, ଭୋଜିଭାତ ହେବ, କାହାକୁ ବିରୋଧ କରିବେ, କାହାର କଣ କରାଯିବ ସେଠାରେ ଆଲୋଚନା ଶିବିର ପାଲଟି ଯାଇଛି ।ଭାଗବତ ଟୁଙ୍ଗୀ ପ୍ରାୟ ଗାଁମାନଙ୍କରେ ବିଲୁପ୍ତ ପ୍ରାୟ ଅବସ୍ଥାକୁ ଚାଲି ଯାଇଥିବା ବେଳେ ଦେଶୀ ମଦଭାଟି ଗୁଡ଼ିକ ଏବେ ରାଜ କରୁଛି । ପ୍ରତ୍ୟେକ ଗାଁ ଭିତରେ, ଗାଁ ମୁଣ୍ଡରେ ଏକ ପାନ ଦୋକାନ ନାମକୁ ମାତ୍ର ରହିଥିବା ବେଳେ ସେଠାରେ ଦେଶୀ କୁଡିଆ, ଭାଟି ମଦ ବିକ୍ରି ଚାଲିଛି। ତା ପାଖକୁ ଲାଗି ରହିଛି ଏକ ବଡ କାଠ ଗଣ୍ଡି ପୋତା ହୋଇବାର, ଯାହାକୁ ଦେଖିଲେ ଜଣାଯାଏ ଯେ ଏଠାରେ କୁକୁଡା ମାଂସ, ଚାଖନା ପୁଟାର ଏକ ଆଡା। ଖୁଣ୍ଟକୁ ଦେଖିଲେ ମଦୁଆ ଅନୁମାନ କରି ନିଏ ଯେ ଏହାର ଆଖପାଖରେ ନିଶ୍ଚୟ ମଦ ମିଳିବ । ଗୋଟିଏ ଗାଁରେ ଏକାଧିକ ମଦଭାଟି ଦେଖିବାକୁ ମିଳୁଛି । ବିକ୍ରେତାମାନେ ଗାଁର କୁଜି ଟାଉଟର ମାନଙ୍କୁ ହାତକରି ଗାଁର ମନ୍ଦିର ନିର୍ମାଣ, ବିଦ୍ୟାଳୟ ପରିଚାଳନା ପାଇଁ ଗାଁକୁ କିଛି ଟଙ୍କା ଦେବାକୁ ପ୍ରବତାଇ ଥାନ୍ତି । ଏହା ସହିତ ସେମାନଙ୍କୁ ନିୟମିତ ମଦ ଓ ମାଂସ ଦେଇଥାନ୍ତି। ବଦଳରେ ଗାଁ ମୁଖିଆ ବୋଲାଉଥିବା ଟାଉଟର, ଗ୍ରାମଦ୍ରୋହୀମାନେ ମଦଭାଟି ଦେବାରେ ସହଯୋଗ କରିଥାନ୍ତି । ଏହାକୁ ସହଯୋଗ କରିଥାନ୍ତି ନିର୍ବାଚିତ ଜନପ୍ରତିନିଧି । ଗାଁରେ ଯଦି ମଦଭାଟି ହେବ ସେମାନେ ସେଠାରୁ ନିୟମିତ ଖାଇପିଇ ପାରିବେ । ତାଙ୍କର ବୋଲକରା ହେବେ । ଦରକାର ସମୟରେ ଅନିୟମିତତା, ଦୁର୍ନୀତି କାମରେ ତାଙ୍କର ବାହୁବଳୀ ହୋଇ ସହଯୋଗ କରିବେ । ଏମାନଙ୍କ ବ୍ୟତୀତ ଅବକାରୀ ବିଭାଗ, ପୁଲିସ ମଧ୍ୟ ମାସିକିଆ କୋଟା ଯୋଗୁଁ ଆମର କଣ ଯାଉଛି । ମାସିକିଆ ଆସିଲେ ହେଲା ନୀତିରେ ଗାଁ ମାନଙ୍କରେ ଏମିତି ଅନୈତିକ କାମ ଚାଲୁଛି । ଯାହା ଦ୍ୱାରା ଗ୍ରାମବାସୀ ହନ୍ତସନ୍ତ ହେଉଛନ୍ତି। ସମୟ ବଦଳି ଯାଇଛି । ମଦୁଆମାନଙ୍କୁ ଦେଖିଲେ ଗାଁର ସଭା ସମିତି, ଆଧାତ୍ମିକ ବୈଠକ ବନ୍ଦ କରି ଭୟରେ ସେ ସ୍ଥାନ ଛାଡି ଲୋକେ ଚାଲି ଯାଉଛନ୍ତି । ନିଶା ଯୋଗୁଁ ଲୋକଙ୍କ ପାଖରେ ମାନବିକତା ଗୁଣ କମି ଯାଇଛି । ଯାହାଦ୍ୱାରା ଚୋରି, ହତ୍ୟା, ଅପହରଣ, ଦୁଷ୍କର୍ମ ଭଳି ଅସାମାଜିକ କାର୍ଯ୍ୟ ବଢ଼ି ଚାଲିଛି । ଏହାକୁ ଦୃଷ୍ଟିରେ ରଖି ବିଜେଡି ସରକାର ଭାଗବତ ଟୁଙ୍ଗୀର ପୁନଃରୁଦ୍ଧାର ପାଇଁ ଚେଷ୍ଟାକରି ଆସିଥିଲେ ମଧ୍ୟ ମଦକୁ ବନ୍ଦ ନକରିବାରୁ ଏହାର ଫଳପ୍ରଦ ହୋଇପାରି ନଥିଲା। କାଳିଆ ଯୋଜନା, ପିଏମ କିଷାନ ଯୋଜନା ମଦୁଆଙ୍କୁ ସୁହାଇଲା ଭଳି ହୋଇଯାଇଥିଲା । ଏହି ଟଙ୍କା ପାଇଲା ଦିନ ବ୍ୟାଙ୍କ ଓ ଏଟିଏମ ଗୁଡ଼ିକରେ ପ୍ରବଳ ଭିଡ ଦେଖିବାକୁ ମିଳିଥିବା ବେଳେ ସଂଧ୍ୟାରେ ମଦଭାଟି ଗୁଡ଼ିକରେ ଅଧିକାଂଶ ଟଙ୍କା ଉଡି ଯାଉଥିଲା । ବର୍ତ୍ତମାନ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ସୁଭଦ୍ରା ଯୋଜନା ଯେତିକି ଆବଶ୍ୟକ ନୁହେଁ, ଏମାନଙ୍କ ଉନ୍ନତି ପାଇଁ ମଦ ବନ୍ଦ ହେବା ଜରୁରୀ ବୋଲି ସଚେତନ ମହିଳା ପ୍ରକାଶ କରିଛନ୍ତି । ସୁଭଦ୍ରା ଯୋଜନା ଅପେକ୍ଷା ମଦଭାଟି ବନ୍ଦ ହେଲେ ମହିଳାମାନେ ସୁରକ୍ଷିତ ରହିପାରିବେ ବୋଲି ବୁଦ୍ଧିଜିବୀ ମହଲରେ ଆଲୋଚନା ହେଉଛି ।

# ଦର୍ପଣ ତହସିଲ ରାଧାକୃଷ୍ଣ ମିଳନ



**ଚଣ୍ଡିଖୋଲ,(ନି.ପ୍ର) :** ବଡଚଣା ବ୍ଲକ୍ ଅନ୍ତର୍ଗତ ଧାନ ମଣ୍ଡଳ ସ୍ଥିତ ମେଳଣ ପଡିଆ ଠାରେ ଦର୍ପଣ ତହସିଲ ଆନୁକୂଲ୍ୟରେ ଧାନମଣ୍ଡଳ ରାଜଦୋଳ ମେଳଣ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୨୦ଟି ବିମାନ ଯୋଗ ଦେଇଥିଲେ। ବିମାନ ଗୁଡିକ ବାଜା ବାଣ, ସଂକୀର୍ତ୍ତନ କରି ଶୋଭାଯାତ୍ରା ରେ ଆସି ମେଳଣ ପଡ଼ିଆରେ ଏକତ୍ରିତ ହୋଇ ଥିଲେ। ପ୍ରଥମେ ସ୍ଥାନୀୟ ଦେଉଳକୁର ଗ୍ରାମର ରାହାସ ବିହାରୀ ଦେବଜୀଉ ଥାନପତି ଭାବରେ ମଣ୍ଡପରେ ବସିଲା ପରେ ଅନ୍ୟ ବିମାନ ଗୁଡିକ ଗୋଟେ ପରେ ଗୋଟେ ମଣ୍ଡପରେ ବସିଥିଲେ। ପରେ ଦର୍ପଣ ତହସିଲ ଓ ମେଳଣ କମିଟି ପକ୍ଷରୁ ବିମାନ ଗୁଡ଼ିକୁ ଯଥାବିଧି ପୂଜାର୍ଚ୍ଚନା କରାଯିବା ସହିତ ଭୋଗ ଲାଗି କରକ୍ଷଯାଇଥିଲା ପରେ ବିମାନ ଗୁଡ଼ିକୁ ବିଦାକି ପ୍ରଦାନ କରକ୍ଷଯାଇଥିଲା। ଦର୍ପଣ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ଅତିରିକ୍ତ ତହସିଲଦାର ଗଗନ ବିହାରୀ ଦାସ, ବିରଜା ପ୍ରସାଦ ରାୟ,ମେଳଣ କମିଟି ସଭାପତି ଦୀପକ କୁମାର ମିଶ୍ର, ପ୍ରାକ୍ତନ ପଞ୍ଚାୟତ ସମିତି ଅଧକ୍ଷ କୈଳାସ ଚନ୍ଦ୍ର ରାଉତ, ବିଭାସ୍ ଚନ୍ଦ୍ର ନନ୍ଦ, ତହସିଲ କର୍ମଚାରୀ ହରିଚରଣ ପ୍ରଧାନ ପଦ୍ମନାଭ ପଣ୍ଡା, ଉମେଶ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ବିମାନ ଗୁଡ଼ିକୁ ବିଦାକି ପ୍ରଦାନ କରିଥିଲେ। ଏହି ମେଳଣ ରେ ଦେଉଳକୁର, ନୂଆ ଶାସନ, କଡାଇ, ଜେମକ୍ଷଦେଇପୁର ଶାସନ, ଚଣ୍ଡିତଳ, ଉଦାସ ସେବାଶ୍ରମ, ଚଣ୍ଡିତଳ ସାନମଠ, ଖଇରା, କେଶର ପଡ଼ା ଗ୍ରାମ ର ବିମାନ ଗୁଡିକ ଯୋଗ ଦେଇଥିଲେ।

# ଅବକାରୀ ବିଭାଗ ଦ୍ୱାରା ବିଭିନ୍ନ ସ୍ଥାନରେ ଚଢ଼ଉ ୬୫ ଲିଟର ଦେଶୀମଦ ସହ ୩ ଗିରଫ



**ବାରିପଦା/କରଞ୍ଜିଆ ,(ନି.ପ୍ର) :** କରଞ୍ଜିଆ ବ୍ଲକର ବିଭିନ୍ନ ସ୍ଥାନରେ ବେଆଇନ ମହୁଲି ମଦ କାରବାର ବୃଦ୍ଧି ପାଉଥିବାବେଳେ ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରଶାନ୍ତ କୁମାର କହଁର ଓ ଉପ ଅଧିକ୍ଷକ ସୌମ୍ୟରଞ୍ଜନ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଇନ୍ସପେକ୍ଟର ସଞ୍ଜୟ କୁମାର କାଣ୍ଡିଙ୍କ ନେତୃତ୍ୱରେ କରଞ୍ଜିଆ ଅବକାରୀ ଓଆଇସି ରଶ୍ମି ରଂଜନ ନାୟକ, ଏଏସଆଇ ଫୁଲମଣୀ ନାଏକ, କନଷ୍ଟେବଲ ପିଥନାଥ ମୁର୍ମୁ, ଅଂଶୁମାନ ପରିଡ଼ା ଓ ଆଲୋକ ସୁତାରଙ୍କ ସହିତ ଅବକାରୀ ବିଭାଗର ଏକ ଦଳ ଆଜି ଦିନ ତମାମ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲେ। କରଞ୍ଜିଆ ଏନ୍ଏସି ୭ ନମ୍ବର ୱାର୍ଡ ଖଜୁରୀସାଗର ସାହି ବାସିନ୍ଦା ଗୁରୁଚରଣ ନାଏକ ନିକଟରୁ ୧୦ ଲିଟର,କରଞ୍ଜିଆ ବ୍ଲକ ଦରି ଗ୍ରାମର ଲକ୍ଷ୍ମୀ ପୁର୍ତ୍ତି ନିକଟରୁ ୨୫ ଲିଟର ଓ ତାଟୋ ଗ୍ରାମର ଇଶ୍ୱର ଚନ୍ଦ୍ର କୁଶପାଲିଆ ନିକଟରୁ ୩୦ ଲିଟର ମୋଟ୍ ୬୫ ଲିଟର ମହୁଲୀ ମଦ ଜବତ କରି ୩ ଜଣଙ୍କ ବିରୋଧରେ ଯଥାକ୍ରମେ ୨୦୭/୨୫, ୨୦୮/୨୫ ଓ ୨୦୯/୨୫ ନମ୍ବରରେ ଅବକାରୀ ଥାନାରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କରଞ୍ଜିଆ ଏସଡିଜେଏମ କୋର୍ଟକୁ ଚାଲାଣ କରିଥିବା ଓଆଇସି ଶ୍ରୀ ନାୟକ ସୂଚନା ଦେଇଛନ୍ତି।

# କଲିଓଦା ଉପ୍ରା ବିଦ୍ୟାଳୟରେ ବାର୍ଷିକ ଉତ୍ସବ



**ଜଗତସିଂହପୁର,(ନି.ପ୍ର) :** ଜଗତସିଂହପୁର ବ୍ଲକ ଅଳସୁଧା ଗ୍ରାମ ପଂଚାୟତ ଅନ୍ତର୍ଗତ ସରକାରୀ ଉପ୍ରା ବିଦ୍ୟାଳୟ କଲିଓଦାରେ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତୁଳସୀ ପ୍ରସାଦ ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ସଭାର ପ୍ରାରମ୍ଭରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରାଯାଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ ସମସ୍ତ ଅତିଥି ବୃନ୍ଦ । ଶିକ୍ଷୟତ୍ରୀ ନିବେଦିତା ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ଏହି ସଭାରେ ସିଆରସିସି ଆର୍ତ୍ତତ୍ରାଣ ଦାସ, ଶିବପ୍ରସାଦ ନାୟକ, ପୂର୍ବତନ ସିଆରସିସି ପ୍ରଦୀପ କୁମାର ସ୍ୱାଇଁ, ଶିବପ୍ରସାଦ ନାୟକ, ଶେଷପ୍ରକାଶ ସେଠୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଲିଙ୍ଗରାଜ ନାୟକ, ଆଲୁମିନି ସଭାପତି ରତିରଞ୍ଜନ ବେହେରା, ସରପଞ୍ଚ ଭ୍ରମରବର ସ୍ୱାଇଁ, କୃତୀ ଶିକ୍ଷକ ସୁଦର୍ଶନ ସ୍ୱାଇଁ, ସୁବଳ ଚରଣ ଷଡ଼ଙ୍ଗୀ, ସୁବଳ ଚରଣ ସ୍ୱାଇଁ, ଅର୍ଜୁନ ଚରଣ ସ୍ୱାଇଁ, ସମ୍ମାନୀତ ଅତିଥି ଭାବେ ଜିଲ୍ଲା ଶୈକ୍ଷିକ ସଂଯୋଜକ ତପନ କୁମାର ନନ୍ଦ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଗୁରୁଙ୍କୁ ଭକ୍ତି କରିବା ସହ ଜୀବନରେ କଠିନ ପରିଶ୍ରମ କରି ବିଦ୍ୟାଳୟର ନାମ ରଖିବା ପାଇଁ ଆହ୍ୱାନ ଦେଇଥିଲେ । ସଭାରେ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟ ଏଥିରେ ମୁଖ୍ୟ ଅତିଥି ଭାବେ ସହ ଶିକ୍ଷା ଅଧିକାରୀ ଅନସୂୟା ଭୋଇ ଯୋଗଦେଇ ଛାତ୍ର ଛାତ୍ରୀ ତଥା ଉପସ୍ଥିତ ଅବିଭାବକ ମାନଙ୍କୁ ସରକାରଙ୍କର ଶିକ୍ଷା ବିଭାଗ ପାଇଁ ଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅବସରରେ ଆଲୁମୁନି ସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ପରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ଓ ଅବିଭାବକ ଝୁମିଲେ ନୃତ୍ୟ ଗୀତରେ । ଶେଷରେ ଶିକ୍ଷୟତ୍ରୀ ଆଦ୍ୟାରଶ୍ମି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଶିକ୍ଷୟତ୍ରୀ ସ୍ମୃତିରେଖା ମହାପାତ୍ର, ପ୍ରଣୀତା ମହାପାତ୍ର, ନିବେଦିତା ନାୟକ ପରିଚାଳନା କରିଥିଲେ ।

# ଜିଲ୍ଲା ଓକିଲ ସଂଘ ନିର୍ବାଚନ ପାଇଁ ଚୂଡାନ୍ତ ପ୍ରାର୍ଥୀ ତାଲିକା

**ଜଗତସିଂହପୁର,(ନି.ପ୍ର) :** ରାଜ୍ୟ ଆଇନଜୀବି ପରିଷଦ, ଓଡ଼ିଶାଙ୍କ ନିର୍ଦ୍ଦେଶନାମା ଅନୁସାରେ ଆସନ୍ତା ମାର୍ଚ୍ଚ ୨୯ ତାରିଖ ଦିନ ଜିଲ୍ଲା ଓକିଲ ସଂଘ, ଜଗତସିଂହପୁର ସମେତ ସାରା ରାଜ୍ୟରେ ଥିବା ସମସ୍ତ ବାର୍ ଆସୋସିଏସନ୍ ନିର୍ବାଚନ ଅନୁଷ୍ଠିତ ହେବ । ୨୦୨୫-୨୬ ବର୍ଷ ପାଇଁ ଅନୁଷ୍ଠିତ ହେବାକୁ ଯାଉଥିବା ଏହି ନିର୍ବାଚନ ପାଇଁ ଜିଲ୍ଲା ଓକିଲ ସଂଘ ଗୃହରେ ମାର୍ଚ୍ଚ ୫ ରୁ ୭ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲ କରାଯିବା ପରେ ଆଜି ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି । ଏଥର ସଭାପତି ପଦ ପାଇଁ ଆଇନଜୀବି ଲିଙ୍ଗରାଜ ମହାନ୍ତି, ଆଇନଜୀବି ରବିନ୍ଦ୍ର କୁମାର ସ୍ୱାଇଁ ଓ ଆଇନଜୀବି ସୁବାଷ ଭୂଷଣ ମହାପାତ୍ରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେବାକୁ ଯାଉଥିବା ବେଳେ ଉପସଭାପତି ପଦ ପାଇଁ ଆଇନଜୀବି ଅମୀୟ କୁମାର ମହାପାତ୍ର ଓ ଆଇନଜୀବି ସରୋଜ କୁମାର ବିଶ୍ୱାଳଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେବ । ସଂପାଦକ ପଦବୀ ପାଇଁ ଆଇନଜୀବି ନୃସିଂହ ଚରଣ ବାରିକ, ଆଇନଜୀବି ପ୍ରସନ୍ନ କୁମାର ମହାନ୍ତି ଓ ଆଇନଜୀବି ଶାରଦା ପ୍ରସାଦ ଦାସଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେବାକୁ ଯାଉଥିବା ବେଳେ ଯୁଗ୍ମ ସମ୍ପାଦକ ପାଇଁ ଆଇନଜୀବି ଅଞ୍ଜନ କୁମାର ପଣ୍ଡା ଓ ଆଇନଜୀବି ଜ୍ଞାନରଞ୍ଜନ ମହାନ୍ତିଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେବ । ସେହିପରି କୋଷାଧ୍ୟକ୍ଷ ପଦ ପାଇଁ ଆଇନଜୀବି ଅଲେଖ ଚରଣ ବାରିକ ଓ ଆଇନଜୀବି ବିବେକାନନ୍ଦ ନାୟକଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେବାକୁ ଯାଉଛି । କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଆଇନଜୀବି ବିଭୁପ୍ରସାଦ ନନ୍ଦ, ଆଇନଜୀବି କାହ୍ନୁଚରଣ ମହାନ୍ତି, ଆଇନଜୀବି ମିହିର ରଂଜନ ମହାନ୍ତି, ଆଇନଜୀବି ମୁରଲୀଧର ଜେନା, ଆଇନଜୀବି ପ୍ରକାଶ ଚନ୍ଦ୍ର ରାୟ, ଆଇନଜୀବି ରୁଦ୍ରନାରାୟଣ ନାୟକ, ଆଇନଜୀବି ସୁବାଷ ଚନ୍ଦ୍ର ମହାପାତ୍ର ଓ ଆଇନଜୀବି ରୋଜାଲିନ୍ ଲେଙ୍କା (ମହିଳା) ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି । ମାର୍ଚ୍ଚ ୨୯ ତାରିଖ ସକାଳ ୭.୩୦ ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଭୋଟଦାନ ସମୟ ରହିଛି । ଅପରାହ୍ନ ୪ଟାରୁ ଭୋଟ ଗଣତି ଆରମ୍ଭ ହୋଇ ବିଜୟୀ ପ୍ରାର୍ଥୀମାନଙ୍କ ନାମ ଘୋଷଣା କରାଯିବ ।

# ସହାୟକ ଟୋକନ ବଳରେ ଧାନବିକ୍ରି କରି ଲକ୍ଷଲକ୍ଷ ଟଙ୍କା ସରକାରୀ ଅର୍ଥ ହଡ଼ପ





**ରଘୁନାଥପୁର,(ନି.ପ୍ର) :** ରଘୁନାଥପୁର ବ୍ଲକ ଅଧିନସ୍ଥ ରେଢୁଆ ଧାନ ମଣ୍ଡିରେ ସହାୟକ ଟୋକନ ବଳରେ ଧାନ ବିକ୍ରୀ କରି ଲକ୍ଷ ଲକ୍ଷ ଟଙ୍କା ସରକାରୀ ଅର୍ଥ ଆତ୍ମସାତ କରା ଯାଉଥିବା ଅଭିଯୋଗ ହୋଇଛି। ଏଥି ସହିତ ଧାନ ସ୍ଥାନରେ ବିହନ ନିଗମର ଧାନ ବିହନ ବିକ୍ରୀ ହେବା ଚାଷୀ ମହଲରେ ଆଲୋଡନ ସୃଷ୍ଟି କରିଛି। ମଣ୍ଡିର ଦାୟିତ୍ୱରେ ଥିବା ସଂପାଦକ ଓ କ୍ରୟ କମିଟିର ସଭାପତିଙ୍କ ଆପୋଷ ବୁଝାମଣାରେ ସ୍ପଷ୍ଟ ଦିବାଲୋକରେ ଚାଲିଛି ସରକାରୀ ଅର୍ଥ ହରିଲୁଟ । ଏଠାରେ ଧାନର ମାନକୁ ସମିତି ଡିଇଓଙ୍କ ବାପା ଯାଞ୍ଚ କରୁଥିବା ବେଳେ ସମିତିର ପିଅନ ଚାଷୀ ମାନଙ୍କ ଆଖି ସ୍କାନିଂ କରୁଥିବା ଅଭିଯୋଗ ହୋଇଛି । ସେହିପରି ଏହି ମଣ୍ଡିରେ ସଭାପତିଙ୍କ ପ୍ରଚେଷ୍ଟାରେ ବହୁ ସହାୟକ ଟୋକନ ତିଆରି କରା ଯାଇ ଏହା ବଳରେ ଖୋଦ ସଭାପତି ଓ ସଂପାଦକ କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ ବିକ୍ରୀ କରି ଲକ୍ଷ ଲକ୍ଷ ଟଙ୍କା ମୂନାଫା କମେଉଥିବା କିଛି ଚାଷୀ ନିଜ ନାମ ଗୋପନ ରଖି ଅଭିଯୋଗ କରିଛନ୍ତି। ବିକ୍ରି ପାଇଁ ବଳକା ଧାନ ନଥିବା ଜଣେ ଚାଷୀ ନାମରେ ଟୋକନ କରାଯାଇ ମଣ୍ଡିରେ ଧାନ ବେପାର କରା ଯାଇ ପାରୁଥିବା ଏହି ସହାୟକ ଟୋକନ ଗୁଡିକ ବେଶ୍ ଖୋରାକ ଯୋଗାଇଛି ।ଏତଦ୍ ଭିନ୍ନ ଏହି ସହାୟକ ଟୋକନରେ ତୁରନ୍ତ ଧାନ ଉଠା ଯିବା ପାଇଁ ସଭାପତି ଓ ସଂପାଦକ ତତ୍ପରି ଦେଖାଉଥିବା ଜଣାଯାଇଛି। ଫଳ ସ୍ୱରୂପ ଗତ ୨୯ ତାରିଖରେ ଟୋକନ ଥିବା ଚାଷୀ ମାନଙ୍କର ଧାନ ସଂପୂର୍ଣ୍ଣ ନ ଉଠାଯାଇ ଚଳିତ ମାସ ୩ତାରିଖରେ ଥିବା ଚାଷୀ ମାନଙ୍କର ଟୋକନରେ ଧାନ ବିକ୍ରୀ କରା ଯାଉଥିବା ଏବଂ ୧ ତାରିଖ ଟୋକନକୁ ଉପେକ୍ଷା କରା ଯାଇଥିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ଏଥି ସହିତ ଏହି ଧାନ ମଣ୍ଡିରେ ଚାଷୀ ମାନଙ୍କ ଠାରୁ କ୍ୱିଣ୍ଟାଲ ପିଛା ୪କେଜିରୁ ୧୦କେଜି ପର୍ଯ୍ୟନ୍ତ ଆଖିବୁଜା କାଟ ଚାଷୀ ମାନଙ୍କ ଅସନ୍ତୋଷକୁ ଦ୍ୱିଗୁଣିତ କରିଛି । ଏଭଳି ମହା ଘୋଟାଲାରେ ଛନ୍ଦି ହୋଇ ଯାଇଥିବା ଏହି ଧାନ ମଣ୍ଡିକୁ ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ଚାଷୀ ମହଲରେ ଦାବୀ କରା ଯାଇଛି ।

# ଜିଲ୍ଲାସ୍ତରୀୟ ନିପୁଣ ମେଳା ଉଦ୍‌ଘାଟିତ

**ଖୋର୍ଦ୍ଧା,(ନି.ପ୍ର) :** ଖୋର୍ଦ୍ଧା ଜିଲ୍ଲାଅନ୍ତର୍ଗତ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସର ମଧ୍ୟରେ ଜିଲ୍ଲା ସ୍ତରୀୟ ନିପୁଣ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ମେଳାରେ ଖୋର୍ଦ୍ଧା ଜିଲ୍ଲାର ୧୦ ଗୋଟି ବ୍ଲକରଶିକ୍ଷକ ଓ ଶିକ୍ଷୟତ୍ରୀ ଏବଂ ଜଣେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅଂଶ ଗ୍ରହଣ କରିଥିଲେ । ପ୍ରତି ବ୍ଲକରୁ ୪ ଜଣ ସମ୍ବଳ ଶିକ୍ଷକ ତଥା ଶିକ୍ଷୟତ୍ରୀମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଉପରେ ପିଲାମାନଙ୍କ ପାଇଁ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରି ଉକ୍ତ ମେଳାରେ ପ୍ରଦର୍ଶନ କରିଥିଲେ । ଏହି ମେଳାରେ ଜିଲ୍ଲା ଶିକ୍ଷା ଅଧିକାରୀ ଖୋର୍ଦ୍ଧା ଶ୍ରୀମତୀ ସୋନାମିକା ରାୟ ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ, ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ରୂପଶ୍ରୀରାଣୀ ଗୁମାନସିଂହ ଉପସ୍ଥିତ ରହି ତାଙ୍କ ଅଭିଭାଷଣରେ ଛାତ୍ରଛାତ୍ରୀମାନଙ୍କର ମୂଳଦୁଆ ସୁଦୃଢ ହେବ ବୋଲି ଆଶା ପୋଷଣ କରିଥିଲେ, ପୌର ପରିଷଦ ଅଧ୍ୟକ୍ଷା ଶ୍ରୀମତୀ କନକଲକ୍ଷ୍ମୀ ମହାନ୍ତି ସମ୍ମ ।ନିତ ଅତିଥି ଭାବରେ ପିଲାମାନଙ୍କୁ ତାଙ୍କର ବାର୍ତ୍ତା ଦେଇଥିଲେ, ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀଯୁକ୍ତ ଚଞ୍ଚଳ ର ।ଣା ସଭାପତିତ୍ୱ କରିବା ସହିତ ନିଜ ଅଭିଭାଷଣରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଉପରେ କିପରି ପିଲାମାନେ ସମସ୍ତ ଦକ୍ଷତା ହାସଲ କରିବେ ସେଥିପ୍ରତି ଶିକ୍ଷା ବିଭାଗର ସମସ୍ତ କର୍ମଚାରୀ ଓ ଅଧିକାରୀ ନିରନ୍ତର ଉଦ୍ୟମ କଲେ ଆମ୍ଭେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଘରଚ-୨୦୨୦ ର ମହତ ଉଦ୍ଦେଶ୍ୟ ହାସଲ କରିପାରିବା, ଡାଃ ତାପସ କୁମାର ନାୟକ , ଅଧ୍ୟକ୍ଷ , ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଖୋର୍ଦ୍ଧା ଉକ୍ତ ମେଳାରେ ନିପୁଣ ମେଳାର ଉଦ୍ଦେଶ୍ୟଓ ଲକ୍ଷ୍ୟ ବିଷୟରେ ବିସ୍ତୃତ ଭାବରେ ନିଜ ଅଭିଭାଷଣରେ ବର୍ଣ୍ଣନା କରିଥିଲେ । ପରେ ପରେ କୁନି କୁନି ଛାତ୍ରଛାତ୍ରୀମାନେ ନିପୁଣ ଓଡ଼ିଶା ସଙ୍ଗୀତ ଗାନ କରିବା ସହିତ ନିପୁଣ ଓଡ଼ିଶା ଶପଥ ପାଠ , ଲୋଗୋ , ଉଓରଞ୍ଝ ଦ୍ୱାରା ପ୍ରସ୍ତୁତ ଘରଚ-୨୦୨୦ ପୁସ୍ତକ ଉନ୍ମୋଚନ କରାଯାଇଥିଲା । ସଭାପତି ମହୋଦୟ , ଜିଲ୍ଲା ପରିଷଦ ଅଧ୍ୟକ୍ଷା ମହୋଦୟ। ଉପସ୍ଥିତିରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଷ୍ଟଲ ଉଦଘ ।ଟନ ହୋଇଥିଲା । ଏହି ଶିକ୍ଷଣ ସାମଗ୍ରୀ ଗୁଡିକ ଅତିଥିମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା , ତତ ସହିତ ଉଓରଞ୍ଝ , କକ୍ଷକ୍ଟକ୍ସୟକ୍ଷବର ପିଲାମାନେ ବମସ୍ଙସଙ୍ଗସସ୍ଚ ଷ୍ଟଲ ପ୍ରସ୍ତୁତ କରି ଏକ କକ୍ଷରେ ସାମଗ୍ରୀଗୁଡିକୁ ସଜାଡି ରଖିଥିଲେ । ଏହିସବୁଷ୍ଟଲ ଗୁଡିକୁ ସମସ୍ତ ଅତିଥିମାନେ ପରିଦର୍ଶନ କରିଥିଲେ । ଏହି କାର୍ଯକ୍ରମରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରସମସ୍ତ ଶିକ୍ଷକ ପ୍ରଶିକ୍ଷକ , ଖୋର୍ଦ୍ଧା ଜିଲ୍ଲାର ବ୍ଲକ ଶିକ୍ଷା ଅଧିକାରୀମାନେ ,ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ , ସମଗ୍ର ଶିକ୍ଷା କାର୍ଯ ।ଳୟରକର୍ମଚାରୀ , ଖୋର୍ଦ୍ଧା ବ୍ଲକର ଶିକ୍ଷକ ଓ ଶିକ୍ଷୟତ୍ରୀ ଏବଂ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଛାତ୍ରଛ ।ତ୍ରୀମାନେ ସମସ୍ତେ ଉପସ୍ଥିତ ରହି ସକ୍ରିୟ ଭାବରେ ସହଯୋଗ କରି ଉକ୍ତ କାର୍ଯ୍ୟକୁ ସଫଳ କରାଇଥିଲେ । ପରିଶେଷରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଶିକ୍ଷକ ପ୍ରଶିକ୍ଷକ ଶ୍ରୀମତୀ ସୌମ୍ୟ। ଦାସ ଧନ୍ୟବାଦ ଅପର୍ଣ କରିଥିଲେ ।




# ଶାସନ ବାଡିରେ ମା'ସାଆନ୍ତାଣୀ ଭଗବତୀ



**ଚିଲିକା,(ନି.ପ୍ର) :** ଶ୍ରୀକ୍ଷେତ୍ରର ଷୋଳ ଶାସନ ପରି ବଙ୍କାଡ଼ଗଡ଼ ରାଜବଂଶଙ୍କ ଦ୍ୱାରା ପ୍ରତିଷ୍ଠିତ ବାଣପୁରର ଆଠଶାସନର ଇଷ୍ଟଦେବୀ ମା' ଭଗବତୀ ବରଷକେ ଥରେ ଶାସନ ବାଡ଼ିର ପ୍ରତି ବ୍ରାହ୍ମଣଙ୍କ ଘରେ ଶଙ୍କୁଡ଼ି ଭୋଗ ଲାଗି ହେବାର ପରମ୍ପରା ସମଗ୍ର ଉତ୍କଳରେ ମାନବୀୟ ଲୀଳାର ଏକ ସ୍ୱତନ୍ତ୍ର ପରମ୍ପରା। ଫାଲଗୁନ ଶୁକ୍ଳ ତ୍ରୟୋଦଶୀ ରେ ଆଠ ଶାସନର ଆରାଧ୍ୟ ଠାକୁରମାନେ ସମ୍ମିଳିତ ଭାବରେ ବାଜା, ବାଣ,ରୋଷଣୀ ଥାଟ ପଟୁଆରରେ ଆସି ମା' ଭଗବତୀଙ୍କୁ ଚାଚେରୀଭୋଗ ଖିଆକୁ ନିମନ୍ତ୍ରଣ କରି ଯାଇଥିଲେ । ସକଳ ଦେବତାଙ୍କ ନିମନ୍ତ୍ର ରକ୍ଷା କରି ମା' ଚତୁର୍ଦ୍ଦଶୀ ତିଥିର ମଧ୍ୟରାତ୍ରରେ ବାଲୁଗାଁର ଆରାଧ୍ୟ ଠାକୁର ଶ୍ରୀଉମାମହେଶ୍ୱର ଦେବଙ୍କୁ ନିଜ ପିତ୍ରାଳୟଦକ୍ଷ ପ୍ରଜାପତି ମନ୍ଦିରର ଦାୟିତ୍ୱ ଦେଇ ମନ୍ଦିର କୁ ତୁଆ ଦ୍ୱାରପାଖରେ ଜଗାଇ ଦେଇ ଘଣ୍ଟା, ଘଣ୍ଟ, କାହାଳୀ, ଆଲଟଚାମର, ଛତ୍ର ତରାଶ ,ମଶାଲ , ବାଣରୋଷଣିରେ ଥାଟ ପଟୁଆର ଧରି ନିଯୋଗୀ ସେବାୟତଙ୍କ ସହିତ ବାହାରିଥିଲେ ଶାସନ ବାଡ଼ି । ପ୍ରଥମେ ବଙ୍କାଡ଼ରାଜବଂଶର ରାଜା ଅଚ୍ୟୁତ ମାନସିଂହ ମର୍ଦ୍ଦରାଜ ହରିଚନ୍ଦ୍ରଙ୍କ ନାମରେ ନାମିତ ଅଚ୍ୟୁତରାଜପୁର ଶାସନ ଗ୍ରାମବାସୀ ପ୍ରତି ବ୍ରାହ୍ମଣ ପରିବାର ଘରେ ଘରେ ଖେଚଡ଼ି, ଡାଲି, ମାଛମହୁର, ମାଛ ଗୁଣ୍ଡି ଭଜା , କ୍ଷୀରି,ନାନାଦି ପ୍ରକାରର ସ୍ୱାଦିଷ୍ଟପିଠାପଣା, ମୁଆଁ ଶାକର, ଫଳ ମୂଳ ସହିତ ଶାଢିଛୁଡ଼ି ଅଳତା,ଲାଗି କରାଇ ଆନନ୍ଦ ଉଲ୍ଲାସର ସହିତ ମା'ଙ୍କୁ ବାଜାରୋଷଣିରେ ବିଦାୟ ଦେଇଥିଲେ । ପରେ ସେହି ରାଜବଂଶର ଶ୍ରୀନିବାସ ମାନସିଂମର୍ଦ୍ଦରାଜ ହରିଶ୍ଚନ୍ଦ୍ରଙ୍କ ନାମରେ ନାମିତ ଶ୍ରୀନିବାସ ପୁରଶାସନର ବ୍ରାହ୍ମଣମାନେ ମା'ଙ୍କୁ ପାଛୋଟି ନେଇ ନିଜନିଜ ଦୁଆରେ ସେହିଭଳି ଶଙ୍କୁଡ଼ି ନିଶଙ୍କୁଡ଼ି ଭୋଗ ଲାଗି କରାଇ ଥାଟ ପଟୁଆରରେ ବିଦାୟ ଦେଇ ଥିଲେ ।ସେହି ରାଜବଂଶର ପାଟରାଣୀ ତୁଳସୀ ମଞ୍ଜରୀ ପାଟମହାଦେଇଙ୍କ ନାମରେ ନାମିତ ତୁଳସୀ ଦେଇପୁରଶାସନର ଗ୍ରାମବାସୀ ଆନନ୍ଦ ଉଲ୍ଲାସର ସହିତ ମା'ଙ୍କୁ ପାଛୋଟି ନେଇ ପ୍ରତି ଘରେ ଘରେ ପ୍ରସ୍ତୁତ ଶଙ୍କୁଡ଼ି ନିଶଙ୍କୁଡ଼ି ଭୋଗ ଲାଗି କରାଇବା ପରେ ମହାନ୍ତି ସାହି କୋଠଦୁଆରେ ଭୋଗ ଲାଗି ପରେ କାଠିନାହାକ(ମା' କାଠି ଠାକୁରାଣିଙ୍କୁ କାନ୍ଧରେ ଧରି ନେଉଥିବା ସେବାୟତ)ଙ୍କ ଦୁଆରେ ଗଜାମୁଆଁ ଲାଗି ପରେ ଶ୍ରୀରଙ୍କନାଥ ଓ ଶ୍ରୀଉମାମହେଶ୍ୱରଦ୍ୱେ ଶ୍ରୀଦକ୍ଷେଶ୍ୱରଦେବଙ୍କୁ ସାଥିରେ ଧରି ବାପଘର ପରିଛାସାଆନ୍ତଙ୍କ ଦୁଆରେ ବିଭିନ୍ନଶଙ୍କୁଡ଼ି, ନିଶଙ୍କୁଡ଼ି ଭୋଗ ସହିତ ପଖାଳତୋରାଣି ମାଛ ଗୁଣ୍ଡି ଭଜା ଖାଇ ଅଗିରା ପଡ଼ିଆକୁ ବିଜେ କରି ଅଗ୍ନି ଉତ୍ସବ ପରେ ଶ୍ରୀ ଉମାମହେଶ୍ୱରଙ୍କୁ ବିଦାୟ ନେବା ପରେ ମନ୍ଦିରକୁ ବାହୁଡ଼ିବେ ।ଦୋଳ ପୂର୍ଣ୍ଣମୀରେ ଦୋଳି ଖେଳିବେ ମାସାଆନ୍ତାଣୀ । ବରଷକେ ଥରେ ଦୋଳପୁନିଅରେ ନିଜର ଇଷ୍ଟଦେବୀ ମହାମାଇ ମା'ଭଗବତୀଙ୍କୁ ନିଜ ନିଜ ଘରେ ପଢ଼ିଚରଚିବା ପାଇଁ ନାନାଦି ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରି ଲାଗି କରାଇବାକୁ ଅତିପୂର୍ଣ୍ୟକାର୍ଯ୍ୟ ମନେକରି ଛୁଟି ନେଇ ଦୂର ଦୂରାନ୍ତରରେ ରହୁଥିବା ପ୍ରତି ବ୍ରାହ୍ମଣପରିବାର ମଧ୍ୟ ଗାଁଙ୍କୁ ଛୁଟି ଆସିଥାନ୍ତି । ଏହି ଦିନ ପ୍ରତି ଘରମାନଙ୍କରେ ପୁଅୋହୂ ,ଝିଅ ଜ୍ୱାଇଁ ବନ୍ଧୁବାନ୍ଧବ କୁଣିଆମାନଙ୍କ ସମାଗମରେ ଭୋଜିଭାତ ମଜାମଜଲିସ୍ ରେ ଗାଁଦାଣ୍ଡ ଉଚ୍ଛୁଳିପଡୁଛି । ଫାଲଗୁନ ଶୁକ୍ଳ ଦଶମୀରୁ ଓଡ଼ିଶାର ଶ୍ରୀକ୍ଷେତ୍ରଠାରୁ ଆରମ୍ଭ କରି ପ୍ରତି ପୁରପଲ୍ଲୀରେ ଦୋଳଗୋବିନ୍ଦଙ୍କ ସହିତ ଅନ୍ୟଦେବତାମାନେ ଚାଚେରୀଭୋଗରେ ଗ୍ରାମ ପରିକ୍ରମା କରୁଥିବା ବେଳେ କେବଳ ଖୋର୍ଦ୍ଧା ଜିଲ୍ଲା ବାଣପୁରର ଆରାଧ୍ୟାଦେବୀ ମା'ଭଗବତୀ ଦେବୀଏକା ଏକା ଗ୍ରାମମାନଙ୍କରେ ଚାଚେରୀରେ ଆମିଷ ଭୋଗ ସେବନ କରିବାର ବିଧି ପରମ୍ପରା ସଂପୂର୍ଣ୍ଣ ନିଆରା । ମା'ଙ୍କ ଏହି ଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ସ୍ଥାନୀୟ ପୋଲିସ ପ୍ରଶାସନ, ପରିଚାଳନା କମିଟି ଓ, କର୍ମଚାରୀ ସୁରେନ୍ଦ୍ର ସାହୁ, ଅକ୍ଷୟ ମିଶ୍ର, ଅଶ୍ୱିନୀ ମିଶ୍ର, କମଳମିଶ୍ର ସମସ୍ତ ପ୍ରକାର ସୁବନ୍ଦୋବସ୍ତ କରିଥିବା କଥା କାର୍ଯ୍ୟନିର୍ବାହୀ ବାଳମୁକୁନ୍ଦ ଦାସଙ୍କ ଠାରୁ ପ୍ରକାଶ।

ମାର୍ଚ୍ଚ, ୧୪, ଶୁକ୍ରବାର, ୨୦୨୫
March, 14 Friday, 2025
ସତ୍ୟ ନ୍ୟୁଜ୍

# କରାଟେ କଲର ବେଲ୍ଟ ପରୀକ୍ଷାରେ ୨୦ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ



**ଲାଞ୍ଜିଗଡ,(ନି.ପ୍ର) :** ଉତ୍କଳ କରାଟେ ସ୍କୁଲ ଫାଉଣ୍ଡର ସେଭେନ୍ ଡନ୍ ବ୍ଲାକ ବେଲ୍ଟ ହନସୀ ଡ଼. ହରି ପ୍ରସାଦ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ଉତ୍କଳ କରାଟେ ସ୍କୁଲ ସମ୍ପାଦକ ସେକେଣ୍ଡ ଡନ୍ ବ୍ଲାକ ବେଲ୍ଟ ସେନପାଇ କ୍ଷମାନିଧି ମହାଖୁଡଙ୍କ ନେତୃତ୍ୱରେ ଲାଞ୍ଜିଗଡ ବେଦାନ୍ତ କଲୋନୀ କ୍ଲବ ହାଉସ ଠାରେ କରାଟେ କଲର ବେଲ୍ଟ ପରୀକ୍ଷା ହୋଇଥିଲା। ଏଥିରେ ୨୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ସେମାନଙ୍କୁ ଆତ୍ମରକ୍ଷା କୌଶଳ ଶିଖାଇବା ସହ ଶାରିରୀକ ଦକ୍ଷତା କିପରି ବଢ଼ାଇବା ଓ ନିଜକୁ ଏବଂ ଅନ୍ୟକୁ କିପରି ଶତ୍ରୁ କବଳରୁ କିପରି ସୁରକ୍ଷା ଦେଇ ପାରିବେ ଏହାକୁ ନେଇ ସେନପାଇ ଶ୍ରୀ ମହାଖୁଡ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେବା ସହ ଆଜି ସେମାନଙ୍କ ବେଲ୍ଟ ପରୀକ୍ଷା କରାଇଥିଲେ। ସେମାନଙ୍କ ମଧ୍ୟରୁ ୟେଲୋ ବେଲ୍ଟ ପରୀକ୍ଷାରେ ରୋନକୀ ବଂଶୀଲ, ଶୋଙ୍କ କୁମାର ନାୟକ ରହିଥିଲେ।ସେହିପରି ଅରେଞ୍ଜ ବେଲ୍ଟ ପରୀକ୍ଷାରେ ରୁଦ୍ରାଂଶୁ ପ୍ରଧାନ ରହିଥିବା ବେଳେ ଗ୍ରୀନ ବେଲ୍ଟ ପରୀକ୍ଷାରେ କୁଶୁମପ୍ରଭା ମାଝୀ ରହିଛନ୍ତି। ସେହିପରି ବ୍ଲୁ ବେଲ୍ଟ ପରୀକ୍ଷାରେ ଅର୍ଶିକା ପାଣ୍ଡେ,ସୋୟମ ଓଡିଆ,ମୋହିତ ବେମାଲ, ପୁଷ୍ପେନ୍ଦୁ ବିଶ୍ୱାଳ,ରିୟାନ ମିଶ୍ର, ସୋର୍ଣିମା ମହାପାତ୍ର, ହେମନ୍ତ ମଲ୍ଲିକ, ସିଏଚ ସାଇ ସ୍ୱାଶତ ରହିଥିବା ବେଳେ ବ୍ରାଉନ ବେଲ୍ଟ ଥାର୍ଡ କ୍ୟୁ ପରୀକ୍ଷାରେ କାବ୍ୟଶ୍ରୀ ମହାପାତ୍ର, ଆରାଧ୍ୟା ଆରାଧନା, ଲୋକେଶ ବିଶ୍ୱାଳ, ଅଭିଲିପ୍ସା ପଳେଇ ଭାଗ ନେଇଥିଲେ। ସେହିପରି ବ୍ରାଉନ ବେଲ୍ଟ ସେକେଣ୍ଡ କ୍ୟୁ ପରୀକ୍ଷାରେ ସୋନକ ସମଦର୍ଶୀ ସାହୁ, ଆର୍ଶୀବାଦ ବାଡ଼ତିଆ,ଅର୍ପିତା ବାଡ଼ତିଆ, ଗଙ୍ଗାଧର ମଲ୍ଲିକ ଉତ୍ତୀର୍ଣ୍ଣ ହୋଇଥିଲେ। ସେନସାଇ ସୁରେଶ ଜାଲ ଯାଦବ ୫ଡନ୍ ବ୍ଲାକ ବେଲ୍ଟ ତଥା ଜାତୀୟ କିଓ ରେଫରି ଓ ଜର୍ଜ ଏହି ପରୀକ୍ଷା ପରିଚାଳନା କରିଥିବା ବେଳେ ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ବେଲ୍ଟ ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।ଏହି ପରୀକ୍ଷାରେ ବ୍ଲାକ ବେଲ୍ଟ କରାଟେ ଛାତ୍ର ହିତେଶ କୁମାର ମହାଖୁଡ, କିରଣ ବେମାଲ ଉକ୍ତ ପରୀକ୍ଷାରେ ସହଯୋଗ କରିଥିଲେ। ଆଗାମୀ ଦିନରେ ଛାତ୍ରଛାତ୍ରୀ ମାନେ କିପରି ନିଜକୁ ସୁରକ୍ଷିତ ଓ ସୁସ୍ଥ ରହିବା ସହ କରାଟେରେ ଜାତୀୟ ପ୍ରତିଯୋଗିତାରେ କିପରି ସ୍ୱର୍ଣ୍ଣ ପଦକ ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣିବେ ତାହା ଉପରେ ବାର୍ତ୍ତା ଦେଇଥିଲେ ସେନସାଇ ସୁରେଶ ଜାଲ ଯାଦବ।

# ବଲାଣିରେ ତୃତୀୟ କାନନବାଲା ନନ୍ଦ ମେମୋରିଆଲ ରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



**ବଲାଣି,(ନି.ପ୍ର) :** କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଖଣି କ୍ଷେତ୍ର ବଲାଣିରେ ତୃତୀୟ ଜିଲ୍ଲା ସ୍ତରୀୟ କାନନବାଳା ନନ୍ଦ ରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦୟଯାପିତ ହୋଇଯାଇଛି । କାନନବାଳା ନନ୍ଦ ବିବେକାନନ୍ଦ ନନ୍ଦ ଟ୍ରଷ୍ଟ , ବଲାଣି ଖେଳ ପ୍ରେମୀ ସମୂହ ଓ ବଲାଣି ବିକାଶ ପରିଷଦ ଆନୁକୂଲ୍ୟ ରେ ଅନୁଷ୍ଠିତ ଏହି କ୍ରୀଡା ପ୍ରତିଯୋଗିତାରେ ଜିଲାର ଖେଣ୍ଡରା, ବଡ଼ନଇ, ଯୋଡ଼ା, ସେରେଣ୍ଡା, କିରିବୁରୁ ଓ ବଲାଣି ଆଦି ୬ ଗୋଟି ଦଳ ଅଂଶ ଗ୍ରହଣ କରିଥିଲେ । ଉଦଘାଟନୀ ଉତ୍ସବରେ ବଲାଣି ଖଣିର ମୁଖ୍ୟ ମହାପ୍ରବନ୍ଧକ ଜୟଦେବ ଚଟ୍ଟପାଧ୍ୟାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ୱର୍ଗତ କାନନବାଳା ନନ୍ଦଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରି କ୍ରୀଡା ପ୍ରତିଯୋଗିତା ଶୁଭାରମ୍ଭ କରିଥିଲେ । ଉକ୍ତ କ୍ରୀଡା ପ୍ରତିଯୋଗିତାରେ ଦଳଗତ ଭାବରେ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରି ବଲାଣି ଦଳ ଓ ଖେଣ୍ଡରା ଦଳ ଫାଇନାଲକୁ ଉନ୍ନୀତ ହୋଇଥିଲେ । ଯେଉଁଥିରେ ଖେଣ୍ଡରା ଦଳ ଭଲିବଲର ବିଭିନ୍ନ କୌଶଳ ପ୍ରଦର୍ଶନ କରି ୨-୦ ସେଟ ରେ ବଲାଣି ଦଳକୁ ପରାସ୍ତ କରିବାରେ ସକ୍ଷମ ହୋଇଥିଲେ । ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଲାଣି ଖଣିର ମୁଖ୍ୟ ମହାପ୍ରବନ୍ଧକ ଜୟଦେବ ଚଟ୍ଟପାଧ୍ୟାୟ ସହିତ ସମ୍ମାନୀୟ ଅତିଥି ଭାବେ ବଡ଼ବିଲ ବନାଞ୍ଚଳ ଅଧିକାରୀ ସଂଜୀବ ରାଉତ, କେନ୍ଦୁଝର ବନାଧିକାରୀ ଆଶୁତୋଷ ଚକ୍ରବର୍ତ୍ତୀ ଓ ସନତ ପଟ୍ଟନାୟକ ଯୋଗ ଦେଇ , ବିଜେତା ଓ ଉପବିଜେତା ଦଳ ସମେତ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ପୁରସ୍କୃତ କରିଥିଲେ ।

# ଲୁକ୍କାୟିତ ବୁଝାମଣା ଜଣେ ନିର୍ଦ୍ଦିଷ୍ଟ ଠିକାଦାରଙ୍କ ପାଇଁ

**କେନ୍ଦ୍ରାପଡ଼ା,(ନି.ପ୍ର) :** ଜଳସମ୍ପଦ ବିଭାଗ, ପୂର୍ତ୍ତବିଭାଗ ,ରାସ୍ତା ଓ ଗୃହନିର୍ମାଣ କୃଷି,ସାଲାଇନ୍ ଇତ୍ୟାଦି ସହିତ ବିଭିନ୍ନ ପଞ୍ଚାୟତ ସମିତି ର ସମସ୍ତ ଠିକା ଜଣେ ନିର୍ଦ୍ଦିଷ୍ଟ ଠିକାଦାର ଙ୍କୁ ପ୍ରାପ୍ତ ହେଉଛି। ସେ ଠିକାଦାର ଯେଉଁ ଠି କାମ କରୁଛନ୍ତି ସେ ଜାଗାରେ ଉକ୍ତ ବିଭାଗର ଯେଉଁ କର୍ମଚାରୀ ରହୁଛନ୍ତି ସେମାନେ କାର୍ଯ୍ୟ ର ମାନ ନ ପରଖି ସେମାନଙ୍କ ର ମୋଟା ଅଙ୍କର ଟିପ୍ସ ଉପରେ ଅଧିକ ଧ୍ୟାନ ଦେଉଥିବା ର ନଜର ଆସୁଛି। ଉଚ୍ଚ ପଦସ୍ଥ ଅଧିକାରୀ ଙ୍କୁ ଏ ବାବଦରେ ପଚାରିଲେ ଜଣାଯାଏ 'ହଁ କ'ଣ ହୋଇଛି ସେ କାମ ଅମକ ବାବୁଙ୍କ ର' ଆଜ୍ଞା ଏହାର ଅର୍ଥ କ'ଣ ଏଠି ଲୋକଙ୍କ ଟିକସ ପଇସା ରେ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ହେଉଛି କିଛି ଅଫିସର ମାନଙ୍କ ଦାଇତ୍ୱ ହୀନତା ପାଇଁ ଲୋକେ ବାରମ୍ବାର ହଇରାଣ ହେଉଛନ୍ତି। ଆଗକୁ ଠିକାଦାର ଙ୍କ ପ୍ରେମ ମହଙ୍ଗା ପଡ଼ିପାରେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ଜଙ୍ଗଲରୁ ପଳାଇ ଆସିଥିବା ହରିଣ ଉଦ୍ଧାର

**କୋଇଡା,(ନି.ପ୍ର) :** କୋଇଡା ବନାଞ୍ଚଳ ଅଧିନସ୍ଥ ଭବାନୀ ପାହାଡ଼ ଜଙ୍ଗଲ ମଧ୍ୟରୁ ଜନବସତୀ ମଧ୍ୟକୁ ପଳାଇ ଆସିଥିବା ହରିଣ କୁ କୋଇଡା ବନ ବିଭାଗ ଉଦ୍ଧାର କରିଛି ଓ ମିଳିଥିବା ସୂଚନା ଅନୁଯାଇ ବଣାଇ ବନଖଣ୍ଡ ଅଧିନସ୍ଥ କୋଇଡା ବନାଞ୍ଚଳ ର



ଭବାନୀ ପାହାଡ଼ ସଂରକ୍ଷିତ ଜଙ୍ଗଲ ମଧ୍ୟରୁ ଏକ ୧୫ ବର୍ଷ ବୟସ୍କ ଅଣ୍ଡିରା ହରିଣ ବାଟବଣା ହୋଇ କୋଇଡା ଜନବସତୀ ଅଂଚଳ କୁ ଚାଲି ଅସିଥିଲା ଓ କିଛି କୁକୁର ହରିଣ ଟିକୁ କାମୁଡି ଗୋଡ଼ାଇବା ସମୟରେ ସ୍ଥାନୀୟ ଜନତା ପ୍ରଥମେ କୁକୁର ଙ୍କ ଠାରୁ ହରିଣ ଟିକୁ ଉଦ୍ଧାର କରି ବନବିଭାଗ କୁ ଖବର ଦେଇଥିଲେ ଓ ଖବର ପାଇ ବନ ବିଭାଗ ର ଏକ ଟିମ ଘଟଣା ସ୍ଥଳରେ ପହଂଚି ଆହତ ହରିଣ ଟିକୁ କୋଇଡା ବନାଞ୍ଚଳ ଅଧିକାରୀ ଙ୍କ କାର୍ଯ୍ୟାଳୟ କୁ ଆଣିଥିଲେ ଓ କୋଇଡା ବନାଞ୍ଚଳ ଅଧିକାରୀ ପ୍ରସନ କୁମାର ଙ୍କ ଠାରୁ ଖବର ପାଇ କୋଇଡା ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ସୁଜିତ କୁମାର ବେହେରା ବେହେରା ପହଂଚି ଆହତ ହରିଣ ର ପ୍ରାଥମିକ ଚିକିତ୍ସା କରିଥିଲେ ଓ ଜଙ୍ଗଲ ମଧ୍ୟରୁ ପଳାଇ ଆସିଥିବା ହରିଣ ଟି ସୁସ୍ଥ ହେବା ପରେ ଡ଼ିଏଫଓ ଙ୍କ ଆଦେଶ ଅନୁସାରେ ହିଁ ଜଙ୍ଗଲ ରେ ଛଡା ଯିବା ନେଇ କୋଇଡା ବନାଞ୍ଚଳ ଅଧିକାରୀ ପ୍ରସନ କୁମାର ପ୍ରଧାନ ସୂଚନା ଦେଇଛନ୍ତି ।

# ବେକରେ ଚୁନୀ ଦେଇ ନାବାଳିକାର ଆତ୍ମହତ୍ୟା

## ଅନ୍‌ଲାଇନ ଗେମ ହେଲା କାଳ




**ରାମନାଗୁଡା,(ନି.ପ୍ର) :** ରାୟଗଡା ଜିଲ୍ଲା ରାମନାଗୁଡା ଥାନା ସଦର ମହକୁମାରେ ଘଟିଯାଇଛି ଏକ ଅଭାବନୀୟ ଘଟଣା । ମିଳିଥିବା ସୂଚନା ଅନୁଯାୟୀ ରାମନାଗୁଡା ବ୍ଲକ ଅନ୍ତର୍ଗତ ପାରୀକ୍ଷିତି ପଞ୍ଚାୟତ ଅଧିନସ୍ଥ ଗଣପତିଗୁଡ଼ାରେ ବାସ କରୁଥିବା ସାଇନା ସାହୁ(ଟିନା),ନାମକ ୧୫ ବର୍ଷ ବୟସ ନାବାଳିକା ନିଜ ଜେଜେମାଙ୍କ ସହ ରହୁଥିଲା।ନାବାଳିକା ଜଣଙ୍କ ପ୍ରତ୍ୟେକ ଦିନ ମୋବାଇଲରେ ଅନ୍ ଲାଇନ ଗେମ ଖେଳି ଲକ୍ଷାଧିକ ଟଙ୍କା ନଷ୍ଟ କରୁଥିବା ବେଳେ ଆତ୍ମହତ୍ୟା କରିବା ଦିନ ମଧ୍ୟ ମୋବାଇଲରେ ଅନ୍ ଲାଇନ ଗେମ ଖେଳି ସବୁ ଟଙ୍କା ଖର୍ଚ୍ଚ କରି ସାରିଥିଲା ।ପରିବାର ଲୋକେ ଅନ୍ ଲାଇନ ଗେମ ନ ଖେଳିବାକୁ ବାରମ୍ବାର ତାଗିଦ କରିବା ସତ୍ତ୍ୱେ ଘର ଲୋକଙ୍କ କଥା ଶୁଣି ନଥିଲା ମୃତ ନାବାଳିକା। ଶେଷରେ ପୁଣି ଥରେ ମୋବାଇଲ ରେ ଗେମ ଖେଳିବା ନିମନ୍ତେ ଟଙ୍କା ନଥିବା ଓ ଖେଳିଥିବା ଟଙ୍କା ନ ମିଳିବାରୁ ବେକରେ ଚୁନୀ ଦେଇ ଆତ୍ମହତ୍ୟା କରିଥିବା ଜଣାପଡିଛି।ବଡ଼ ଭାଇର ଝିଅ ସାଇନା ସାହୁ ବୁଧବାର ଦିନ ସନ୍ଧ୍ୟା ସମୟରେ ପିଉସୀ ଲିଲି ପଟନାୟକ ନାବାଳିକା ଝିଆରୀ ସାଇନା ସାହୁ(ଟିନା) ବେକରେ ଚୁନୀ ଦେଇ ଆତ୍ମହତ୍ୟା କରିଥିବା ଘଟଣା ସମ୍ପର୍କରେ ରାମନାଗୁଡା ଥାନା ଅଧିକାରୀ ଙ୍କ ନିକଟରେ ଅଭିଯୋଗ ପତ୍ର ଦାୟର କରିଥିଲେ। ମିଳିଥିବା ଖବର ଅନୁସାରେ ସାଇନା ସାହୁ(ଟିନା) ଜେଜେ ମାଁ ଙ୍କୁ ଶୌଚ ହେବା ପାଇଁ ଘର ପଛପଟେ ଥିବା ଶୌଚାଳୟ କୁ ଯାଇଥିଲା ।ସେଠାରୁ ଦୀର୍ଘ ସମୟ ପରେ ମଧ୍ୟ ନଫେରିବାରୁ ଜେଜେ ମାଁ ଯାଇ ଦେଖିଥିଲେ ସେଠାରୁ ତାକୁ ମୃତ ଅବସ୍ଥାରେ ଉଦ୍ଧାର କରିଥିଲେ ବୋଲି ଜଣାପଡିଛି। ଅଭିଯୋଗ ପାଇବା ପରେ ଏହି ସମସ୍ତ ପ୍ରକାର ଘଟଣା କୁ ଭିତ୍ତିକରି ଗୁଣୁପୁର ଏସଡିପିଓ ବାବୁଲି ନାୟକ , ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ରାମନାଗୁଡା ଥାନା ଅଧିକାରୀ ସୁନିତା ବେହେରା, ଏଏସଆଇ ପୃଥ୍ୱୀରାଜ ଝଙ୍କାର, ଜଗନ୍ନାଥ ବେହେରା, ରାମନାଗୁଡା ରାଜସ୍ୱ ନିରୀକ୍ଷକ ମମତା ରାଣୀ ଖଞ୍ଜା ଘଟଣା ସ୍ଥଳରେ ପହଞ୍ଚି ରାୟଗଡା ସାଇଣ୍ଟିଫିକ ଟିମ ସହାୟତାରେ ଆତ୍ମହତ୍ୟାର ସମସ୍ତ ଦିଗରୁ ଯାଞ୍ଚ କରିଥିଲେ। ଏହି ସମୟରେ ରାମନାଗୁଡା ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ ମାଜିଷ୍ଟ୍ରେଟ ଭାବେ ଉପସ୍ଥିତ ରହି ଘଟଣା ର ତଦନ୍ତ ଜାରି ରଖିବା ସହିତ ରାମନାଗୁଡା ଥାନାରେ ୟୁଡି କେସ ନମ୍ବର ୦୧/୨୦୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଏଏସଆଇ ଝଙ୍କାର ଙ୍କୁ ଏହାର ତଦନ୍ତ ଦାଇତ୍ୱ ପ୍ରଦାନ କରାଯାଇଥିବା ବେଳେ ଗୁଣୁପୁର ଠାରେ ଶବ ବ୍ୟବଚ୍ଛେଦ କରି ସାରିବା ପରେ ପରିବାର ଲୋକ ଙ୍କୁ ମୃତ ଶରୀର ହସ୍ତାନ୍ତର କରାଯାଇଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣା ର ସତ୍ୟାସତ୍ୟ ଜଣାପଡିବ ବୋଲି ଥାନା ଅଧିକାରୀ ଶ୍ରୀମତୀ ବେହେରା କହିଛନ୍ତି।

# ଦୁବେଇପେଣ୍ଡ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ



**ପାଟଣା,(ନି.ପ୍ର) :** କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଅନ୍ତର୍ଗତ ଦୁବେଇପେଣ୍ଡ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ସରପଞ୍ଚ ପଦ୍ମଲୋଚନ ନାଏକ, ମୁଖ୍ୟବକ୍ତା ଭାବେ ଅବସର ପ୍ରାପ୍ତ ଡାକ ବିଭାଗ ଅଧିକାରୀ ରବୀନ୍ଦ୍ର ନାଏକ,ସମ୍ମାନିତ ଅତିଥି ଭାବେ ଦୁଷ୍ମନ୍ତ ନାଏକ, ସିଆରସିସି ସୁରେଶ ଚନ୍ଦ୍ର ନାଏକ, ଲକ୍ଷ୍ମୀ ବଲ୍ଲଭ ସାହୁ, ପଦନ ନାଏକ, ଦିଲ୍ଲୀପ ସେନାପତି ଯୋଗ ଦେଇ ଛାତ୍ରଛାତ୍ରୀ ତଥା ଅଭିଭାବକ ମାନଙ୍କୁ ଉଦବୋଧନ ଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଅଖଜି ସାହୁ ବିଦ୍ୟାଳୟର ବିବରଣୀ ପାଠ କରିଥିଲେ।ମଞ୍ଚ ପରିଚାଳନା ପଦନ କୁମାର ନାଏକ୍ କରିଥିବା ବେଳେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଛାତ୍ରୀ ପ୍ରୀତି ନାଏକ ଅତି ସୁନ୍ଦର୍ ଭାବେ ପରିଚାଳନା କରିଥିଲେ। ବାର୍ଷିକ କ୍ରୀଡା ଓ ମେଧା ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଯୁବ ଶିକ୍ଷକ ଶ୍ରୀମାନ ବିମଳ କୁମାର ନାଏକ,ନଗେନ ହାଁସଦା ଓ ଚନ୍ଦ୍ରକଳା ମହାନ୍ତଙ୍କ ଉଦ୍ୟମରେ ସଫଳ ହୋଇ ଯାଇଛି।

# ଟ୍ରାକ୍ଟର ଧରପଗଡ ପ୍ରତିବାଦରେ ଦାବିପତ୍ର ପ୍ରଦାନ

**କଳାହାଣ୍ଡି,(ନି.ପ୍ର) :** କଳାହାଣ୍ଡି ଜିଲ୍ଲାରେ ଗତ କିଛିଦିନ ହେଲା ଖଣି,ରାଜସ୍ୱ ଓ ପୋଲିସ ବିଭାଗ ପକ୍ଷରୁ ଟ୍ରାକ୍ଟର ଧରପଗଡ କରି ମନଇଛା ଫାଇନ ଆଦାୟ କରିବା ପ୍ରତିବାଦରେ ଭବାନୀପାଟଣା ବ୍ଲକ ଟ୍ରାକ୍ଟର ମାଲିକ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଯେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ବାଲି, ଚିପ୍ସ,ମେଟାଲ,ଇଟା ଆଦି ସାମଗ୍ରୀ ପରିବହନ କରୁଥିବା ଟ୍ରାକ୍ଟରକୁ ପ୍ରଶାସନ ଚଢ଼ାଉ କରି ଫାଇନ ଆଦାୟ କରୁଛି। ବେଳେ ବେଳେ ଫାଇନ ଆଦାୟର ପରିମାଣ ୨୫ହଜାର ଟଙ୍କାରୁ ଉର୍ଦ୍ଧ୍ୱ ମଧ୍ୟ ହେଉଥିବା ଦେଖିବାକୁ ମିଳିଛି।ଯଦି ଫାଇନ ଦିଆନଯାଏ ତାହେଲେ ଗାଡିକୁ ଥାନାରେ ରଖି ଚାଳକକୁ କୋର୍ଟ ଚାଲାଣ କରାଯାଉଛି। ଏହାଦ୍ୱାରା ଟ୍ରାକ୍ଟର ମାଧ୍ୟମରେ ପରିବାର ଚଳୁଥିବା ମାଲିକ,ଶ୍ରମିକ,ଚାଳକ ଆର୍ଥିକ ସମସ୍ୟାର ସମ୍ମୁଖିନ ହେବାକୁ ପଡୁଛି।ଏଣୁ ଟ୍ରାକ୍ଟର ଗୁଡିକୁ ରୟାଲଟି ପ୍ରଦାନ ପ୍ରଦାନ କରିବା ସହିତ ସ୍ୱଚ୍ଛତାରେ କାମ କରିବାକୁ ଭବାନୀପାଟଣା ବ୍ଲକ ଟ୍ରାକ୍ଟର ମାଲିକ ସଂଘ ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଗୋଟିଏ ପଟେ ନିର୍ଦ୍ଦିଷ୍ଟ ଲିଜ ସ୍ଥାନରୁ ହାଇୱା ଯୋଗେ ବାଲି ଚାଲାଣ ହେଉଥିବା ବେଳେ ସେଥିରେ ମଧ୍ୟ ଗୋଟିଏ ସିଟିୟୁରେ ଏକାଧିକ ଥର ବାଲି ଚାଲାଣ ହେଉଥିବା ଅଭିଯୋଗ ହେଉଛି। ତେବେ ସେହି ଲିଜ ସ୍ଥାନଗୁଡିକ ସହରରୁ ବହୁତ ଦୂର ହେଉଥିବାରୁ ଓ ସହର ନିକଟରେ କୌଣସି ନାଳରୁ ବାଲି ପରିବହନ କଲେ ତାହା ବେଆଇନ ଦର୍ଶାଇ ଫାଇନ କାଟୁଛନ୍ତି ପ୍ରଶାସନ। ଫଳରେ ଟ୍ରାକ୍ଟର ଉପରେ ନିର୍ଭର କରୁଥିବା ଲୋକେ କାମଧନ୍ଦା ପାଇବାରୁ ବଞ୍ଚିତ ହେଉଥିବା ଦେଖିବାକୁ ମିଳିଛି।ତା ସହିତ ମାଲିକମାନେ ସେମାନଙ୍କ ଟ୍ରାକ୍ଟର ଋଣ ସୁଝିବା ସେମାନଙ୍କ ପାଇଁ କଷ୍ଟକର ହୋଇପଡୁଛି ବୋଲି ମାଲିକ ସଂଘ ଅଭିଯୋଗ କରିଛନ୍ତି।ଏଣୁ ଆଇନ ଅନୁମୋଦିତ ପ୍ରକାରେ ଟ୍ରାକ୍ଟରଗୁଡିକୁ ରୟାଲଟି ପ୍ରଦାନ ସହିତ କାମ କରିବାକୁ ସୁଯୋଗ ଦେବାକୁ ସଂଘ ଦାବି କରିଛି। ନଚେତ୍ ଆଗାମୀ ଦିନରେ ଟ୍ରାକ୍ଟର ଉପରେ ନିର୍ଭର କରୁଥିବା ଲୋକେ ରାଜ ରାସ୍ତା କୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଭବାନୀପାଟଣା ବ୍ଲକ ଟ୍ରାକ୍ଟର ମାଲିକ ସଂଘ ସଭାପତି ମୁଜାଫର ଅଲି ଖାଁ, ସଂପାଦକ ମଣି ବାଗଙ୍କ ନେତୃତ୍ୱରେ ସନ୍ତୋଷ ମୁଣ୍ଡ, ମଞ୍ଜୁର ଅଲି ଖାଁ, ବିଷ୍ଣୁ ନାଏକ, ନାରାୟଣ ନାଏକ ପ୍ରମୁଖ ଟ୍ରାକ୍ଟର ମାଲିକ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

# ସର୍ବାପୁଟ ଗ୍ରାମରେ ଜଳ ସଙ୍କଟ

## ଅଭିଯୋଗ ପରେ ବି ଶୁଣୁନି ପ୍ରସାଶନ





**ନନ୍ଦପୁର,(ନି.ପ୍ର) :** ବ୍ଲକ ଅନ୍ତର୍ଗତ ହିକିମପୁଟ ପଞ୍ଚାୟତ ର ସରବାପୁଟ ଗାଁ ରେ ଖରା ଆରମ୍ଭ ରୁ ହିଁ ଗାଁ ବାସୀ ଜଳ କଷ୍ଟ ଭୋଗୁଥିବା ଅଭିଯୋଗ ହୋଇଛି। ଏହି ଗାଁ ରେ ଥିବା ତିନୋଟି ନଳ କୂପ ଗତ ୧୫ ଦିନ ଧରି ଅଚଳ ହୋଇ ଯାଇଥିବାରୁ ଗାଁ ରେ ଥିବା ଏକ ମାତ୍ର ସୌର ଚାଳିତ ନଳକୂପ ର ପାଣି ଗାଁ ବାସୀଙ୍କୁ ଯଥେଷ୍ଟ ହେଉ ନ ଥିବା କହିଛନ୍ତି। ଏହି ଗାଁ ରେ ପ୍ରାୟ ୫୫ ଟି ପରିବାର ରହୁଛନ୍ତି। ଏଣୁ ଏହି ନଳ କୂପ ସବୁ ଅଚଳ ହୋଇ ଯାଇଥିବା ଯୋଗୁଁ ଗାଁ ରେ ଥିବା ସୌର ଚାଳିତ ନଳ କୂପ ରେ ସକାଳୁ ମହିଳା ମାନେ ଲମ୍ବା ଧାଡ଼ି ବାନ୍ଧି ପାଣି ପାଇଁ ଠିଆ ହେଉଛନ୍ତି। ଏପରି କି ଗାଁ ଲୋକେ ପାଣି ପାଇଁ ନିଜ ନିଜ ଭିତରେ ଗଣ୍ଡଗୋଳ ହେଉଥିବା ମଧ୍ଯ ଦେଖିବାକୁ ମିଳିଛି। ଏବେଠାରୁ ଜଳ କଷ୍ଟ ଆରମ୍ଭ ହେବାରୁ ଆଗକୁ ପରିସ୍ଥିତି ଜଟିଳ ହେବାର ଆଶଙ୍କା ବ୍ୟକ୍ତ କରିଛନ୍ତି ଗ୍ରାମବାସୀ। ଏହି ବିଷୟ ରେ ବ୍ଲକ ପ୍ରଶାସନ କୁ ମଧ୍ୟ ଅବଗତ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ଯୋଗୁଁ ଆଜକୁ ଏତେ ଦିନ ଧରି ଗ୍ରାମବାସୀ ପାନୀୟ ଜଳ ପାଇଁ କଷ୍ଟ ଭଗୁଛନ୍ତି ବୋଲି କହିଛନ୍ତି। ଏହି ସୌର ଚାଳିତ ନଳ କୂପ ଏବେ ସାହା ଭରସା। ଏତେ ପରିବାର ପାଇଁ ଏହି ସୌର ଚାଳିତ ନଳକୂପ ର ପାଣି ଯଥେଷ୍ଟ ହେଉ ନାହିଁ। ଯାହା ଦ୍ୱାରା ପାଣି ପାଇଁ ସକାଳୁ ଧାଡ଼ି ବାନ୍ଧିବାକୁ ପଡୁଛି। ଅନାନ୍ୟ କାମ ପାଇଁ ପାଣି ର ବହୁତ ଅଭାବ ଯୋଗୁଁ ଏବେ ଗାଁ ବାସୀ ନାଳ ପାଣି ଉପରେ ନିର୍ଭର କରୁଥିବା କହିଛନ୍ତି। ଏଣୁ ଏ ଦିଗ ରେ ଦୃଷ୍ଟି ଦେଇ ଗ୍ରାମ ବାସୀଙ୍କ ସମସ୍ୟା ର ସମାଧାନ ପାଇଁ ଏହି ନଳ କୂପ ସବୁ ମରାମତି କରିବାକୁ ଗ୍ରାମ ବାସୀ ଦାବୀ କରିଛନ୍ତି।

# ପ୍ରକୃତି ସୁରକ୍ଷା ଆଧ୍ୟାତ୍ମିକ ପଦଯାତ୍ରା

**ରାୟଗଡା,(ନି.ପ୍ର) :** ପ୍ରକୃତିର ସୁରକ୍ଷା ହେଲେ ଜୀବ ଜଗତର ସୁରକ୍ଷା ହେବ। ମଣିଷର ଅମଣିଷପଣିଆ ପ୍ରକୃତି ମାତାକୁ ରୁଷ୍ଟ କରିଛି। ପ୍ରାକୃତିକ ନିୟମକୁ ଭ୍ରୁକ୍ଷେପ ନ କରି ମଣିଷର ସ୍ୱେଚ୍ଛାଚାର ସୀମା ଲଙ୍ଘନ କରିଛି। ମାଟି, ପାଣି, ପବନ, ଆକାଶ ସବୁକୁ ବିଷାକ୍ତ କରୁଥିବା ମଣିଷ ବୃକ୍ଷରୁପୀ ନୀଳକଣ୍ଠ ମାନଙ୍କୁ ମଧ୍ୟ ନିପାତ କରିଛି। ଏବେ ସେ ପ୍ରଦୂଷଣର ଜହର ସାରା ସୃଷ୍ଟିକୁ ଆକ୍ରାନ୍ତ ଜରିବାକୁ ବସିଲାଣି। କିଛି ଲୋକଙ୍କର ଖେଳ ଆଜି କୋଟି କୋଟି ଜୀବ ଜନ୍ତୁଙ୍କ ପାଇଁ କାଳ ହୋଇଛି। ଭବିଷ୍ୟତ ପିଢ଼ୀ କେମିତି ବଞ୍ଚିବ ସେ ଚିନ୍ତା କରିବାକୁ ସ୍ୱାର୍ଥପର ମଣିଷ ନାରାଜ। ଏହି ସଙ୍କଟ ସମୟରେ କିଛି ପରିବେଶବିତ, ସମାଜସେବୀ, ଯୁବ ଛାତ୍ର ବାହାରିଛନ୍ତି ପ୍ରକୃତିର ସୁରକ୍ଷା ପାଇଁ ଏକ ଚେତନା ଜାଗରଣ ଯାତ୍ରାରେ। ମାର୍ଚ୍ଚ ୧ ରେ ସେମାନେ ମାଲକାନଗିରିରୁ ବାହାରି ଆଜି କୋରାପୁଟର କାକିରିଗୁମ୍ମାରେ ପହଞ୍ଚିଛନ୍ତି। ୪୨ ଦିନରେ ୬୭୦ କି.ମି ଅତିକ୍ରମ କରି ସେମାନେ ଏପ୍ରିଲ ୧୨ ତାରିଖରେ ପୁରୀ ପହଞ୍ଚିବେ। ଆମ ଜିଲ୍ଲା ରାୟଗଡାରେ ପଦଯାତ୍ରା ମାର୍ଚ୍ଚ ୧୫ ତାରିଖରେ ପହଞ୍ଚିବ। ୧୬ ତାରିଖରେ ଜେ.କେ, ୧୭ ତାରିଖରେ ମୁକୁନ୍ଦପୁର, ୧୮ ରେ ରାମନାଗୁଡା, ୧୯ ରେ ପଦ୍ମପୁରରେ ରହି ୨୦ ତାରିଖ କେନ୍ଦୁଗୁଡା ହୋଇ ନଳାଘାଟ ଠାରେ ପହଞ୍ଚିବାକ୍ଷ କାର୍ଯ୍ୟକ୍ରମ ରହିଛି ବୋଲି ଯାତ୍ରା ର ମୁଖ୍ୟ ସମାଜ ସେବୀ ଶ୍ରୀ ବଳରାମ ପଣ୍ଡା ପ୍ରକାଶ କରିଛନ୍ତି। ଏପ୍ରିଲ ୭ରେ ବାଲୁଗାଁ ରୁ ଡ଼ଙ୍ଗାରେ ଯାଇ ସେହିଦିନ ରାତି ମହିସା ବରହମପୁରରେ ମୀଟିଂ ଓ ବିଶ୍ରାମ। ପୁଣି ୯-୧୧ ପଦଯାତ୍ରା କରି ୧୨ ତାରିଖରେ ପୁରୀ ପହଞ୍ଚିବେ। ଏପ୍ରିଲ ୧୩,୧୪ ଏକ ଜାତୀୟ ସ୍ତରର ସମ୍ମିଳନୀ ପୁରୀରେ ଅନୁଷ୍ଠିତ ହେବ। ସହଜୀବନର ଆନନ୍ଦ ସହିତ ପରିବେଶର ସାମ୍ପ୍ରତିକ ସ୍ଥିତିର ପ୍ରତ୍ୟକ୍ଷ ଅନୁଭବ ଆପଣଙ୍କୁ ମିଳିପାରିବ।




Printed, Published & Owner by Hajarika Mohapatra,
Printed at Das Offset Printers, Udit Nagar Main Road, Rourkela
Dist-Sundargarh (Odisha) and Published at Plot No.: 364/1662, Susanti Vihar, Lane-5, Tankapani Road, Bhubaneswar
Email : satyanews24.bbsr@gmail.com, Mob- +91 90406 99332, 83380 72970
Editor : Satyajit Mohapatra
ସମ୍ପାଦକ : ସତ୍ୟଜିତ ମହାପାତ୍ର